ସାପ୍ତାହିକ
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
Postal Regd. No.: SBP/RN-01/2022-2024
RNI No. 66443/94
Vol.28 | Issue - 35 | 1 - 7 September 2024 | Sambalpur | Pages- 8 | Invitation Price Rs.10

## ବରଗଡ଼-ନୂଆପଡ଼ା ଓ ସରଡେଗା-ଭାଲୁମୁଣ୍ଡା ରେଳ ଲାଇନ୍‌କୁ ମିଳିଲା ମଞ୍ଜୁରୀ

ସମ୍ବଲପୁର : ବହୁ ପ୍ରତୀକ୍ଷିତ ବରଗଡ଼ ରୋଡ଼-ନୂଆପଡ଼ା ରୋଡ଼ ରେଳପଥ ଓ ସରଡେଗା- ଭାଲୁମୁଣ୍ଡା ନୂଆ ରେଳପଥ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି । ଏ ଦୁଇ ପ୍ରକଳ୍ପରେ ୪,୨୮୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ମଞ୍ଜୁରୀ ମିଳିଛି । ୨୦୨୮-୨୯ ୯ ସୁଦ୍ଧା ପ୍ରକଳ୍ପ କାମ ଶେଷ କରିବାକୁ ଧାର୍ଯ୍ୟ ହୋଇଛି ।

ଏହି ଦୁଇ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ସୁନ୍ଦରଗଡ଼, ବରଗଡ଼ ଓ କଳାହାଣ୍ଡି ଜିଲ୍ଲାର ଲୋକମାନଙ୍କୁ ସର୍ବାଧିକ ଲାଭ ମିଳିବ । ପଶ୍ଚିମ ଓଡ଼ିଶାର ଲୋକମାନେ ଦୀର୍ଘ ଦିନ ଧରି ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ସ୍ୱପ୍ନ ଦେଖି ଆସିଥିଲେ । ବରଗଡ଼-ନୂଆପଡ଼ା ନୂଆ ରେଳ ପଥର ଦୈର୍ଘ୍ୟ ହେଉଛି ୧୩୮ କିଲୋମିଟର । ଏହି ପ୍ରକଳ୍ପ ପଦ୍ମପୁର ଓ ପଶ୍ଚିମ ଓଡ଼ିଶାର ଅନ୍ୟ



ସାଂସ୍କୃତିକ ଓ କୃଷିଭିତ୍ତିକ ଅଞ୍ଚଳ ଦେଇ ଅତିକ୍ରମ କରିବ । ଏହା ସମ୍ବଲପୁର ଓ ଝାରସୁଗୁଡ଼ା ପାଇଁ ମଧ ବେଶ୍ ଲାଭକାରୀ ହେବ । ସମ୍ବଲପୁର ଓ ରାୟପୁର ମଧରେ ଯାତ୍ରା ମଧ ପାଖାପାଖି ୮୭ କି.ମି କମିଯିବ । ଏହି ପ୍ରକଳ୍ପ ଫଳରେ ୪୭ ଲକ୍ଷ ମାନବ ଦିବସ ରୋଜଗାର ସୃଷ୍ଟି ହୋଇପାରିବ । ଏହାଦ୍ୱାରା ୮୨ କୋଟି କେଜି ଅଙ୍ଗାରକାମ୍ଳ ନିର୍ଗମନକୁ ରୋକା ଯାଇପାରିବ । ଏହା ୩.୩ କୋଟି ଗଛ ଲଗାଇବା ସହ ସମାନ ।

ବରଗଡ଼-ନୂଆପଡ଼ା ରେଳପଥରେ ୧୧ଟି ନୂଆ ଷ୍ଟେସନ ରହିବ । ଏହି ପ୍ରକଳ୍ପ ଫଳରେ ଏ ଦୁଇ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ବୃଦ୍ଧି ପାଇବ । ଏହି ପ୍ରକଳ୍ପକୁ ସଂପୂର୍ଣ୍ଣ କରିବାକୁ ୫ ବର୍ଷ ଲାଗିବ । ଏହି ପ୍ରକଳ୍ପ ପାଇଁ ବରଗଡ଼ ଜିଲ୍ଲାରେ ୮୪୮.୪୫ ହେକ୍ଟର ଓ ନୂଆପଡ଼ା ଜିଲ୍ଲାରେ ୭୬.୧୯ ହେକ୍ଟର ଜମିର ଆବଶ୍ୟକତା ରହିଛି । ସେହିପରି ସରଡେଗା-ଭାଲୁମୁଡା ନୂଆ ଡବଲ ଲାଇନ ରେଳପଥ ପାଇଁ ସମୁଦାୟ ୧୩୬୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହାର ସମୁଦାୟ ଦୈର୍ଘ୍ୟ ହେଉଛି ୩୭ କିଲୋମିଟର । ସୁନ୍ଦରଗଡ଼ ଜିଲ୍ଲାରେ ଏହା ୧୬ କିଲୋମିଟର ଅତିକ୍ରମ କରିବ । ଏହି ପ୍ରକଳ୍ପ ଫଳରେ ୨୫ ଲକ୍ଷ କୋଟି କେଜି ଅଙ୍ଗାରକାମ୍ଳ ନିର୍ଗତ ହେବା ବନ୍ଦ ହେବ । ଯାହାକି ୩.୪ କୋଟି ଗଛ ଲଗାଇବା ସହ ସମାନ ।

ଏହି ଅବସରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ବରଗଡ଼ବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆସନ୍ତା ମାସରେ ପଶ୍ଚିମ ଓଡ଼ିଶାରେ ନୂଆଖାଇ ପର୍ବ ପାଳିତ ହେବାକୁ ଯାଉଛି । ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ନୂଆଖାଇ ଉପହାର ବୋଲି ସେ କହିଥିଲେ । କଳାହାଣ୍ଡି ସାଂସଦ ମାଳବିକା ଦେବୀ କହିଥିଲେ, ନୂଆ ସରକାର କ୍ଷମତାକୁ ଆସିବାର ୩ ମାସ ମଧରେ ନୂଆ ଓଡ଼ିଶା ଗଠନ ହେବା ସକାଶେ ଅଭୂତପୂର୍ବ ନିଷ୍ପତ୍ତି ନିଆଯାଇଛି । ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ । ସେ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଭିଏସଏସୟୁଟି ୨ ହଜାର କୋଟି ଟଙ୍କାର ପ୍ୟାକେଜ୍‌ର କାମ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ

ସମ୍ବଲପୁର : ଓଡ଼ିଶାର ସର୍ବପୁରାତନ ଇଞ୍ଜିନିୟରିଂ କଲେଜରୁ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିବା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପାଇଁ ପ୍ରାୟ ୨ ବର୍ଷ ତଳେ ୨ ହଜାର କୋଟି ଅନୁଦାନ ଘୋଷଣା କରିଥିଲେ ବି ଏପର୍ଯ୍ୟନ୍ତ ତାର କାମ ଆରମ୍ଭ ହୋଇନାହିଁ । ତେବେ ଇଡକୋ ପକ୍ଷରୁ ନିର୍ମାଣ ପାଇଁ ଟେଣ୍ଡର ଡକାଯାଇଥିଲେ ମଧ ତାହା ବାତିଲ କରି ଦିଆଯାଇଛି ।

୨୦୨୨ ମସିହାରେ ତତ୍କାଳୀନ ବିଜେଡି ସରକାର ପୂର୍ବ ଓଡ଼ିଶାର କେତେକ ଶିକ୍ଷାନୁଷ୍ଠାନ ପାଇଁ ବଡ଼ ପ୍ୟାକେଜ୍ ଘୋଷଣା କରିଥିଲେ । ବାରମ୍ବାର ଦାବି ପରେ ବି 'ଭିସୁଟ୍' ପ୍ରତି ଅବହେଳା କରୁଥିବା ନେଇ ପଶ୍ଚିମ ଓଡ଼ିଶାରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଅସନ୍ତୋଷର ନିଆଁକୁ ପ୍ରଶମିତ କରିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୭ ସେପ୍ଟେମ୍ବର ୨୦୨୨ରେ 'ଭିସୁଟ୍'ର ପ୍ରସ୍ତାବିତ ମାଷ୍ଟର୍ ପ୍ଲାନକୁ ଅନୁମୋଦନ ଦେବା ସହିତ ୨ ହଜାର କୋଟି ଟଙ୍କାର ସହାୟତା ଘୋଷଣା କରିଥିଲେ । ୫ ବର୍ଷ ମଧରେ ୩ଟି ପର୍ଯ୍ୟାୟରେ ଏହି ଅର୍ଥରାଶିରେ




ଭିତ୍ତିଭୂମି ବିକାଶ ଯୋଜନା ରହିଥିଲା । ୨୪ଟି ଅଣ୍ଡର୍ ଗ୍ରାଜୁଏଟ୍ ବିଭାଗରେ ୧୦ ହଜାର ଛାତ୍ରଛାତ୍ରୀଙ୍କ ଅଧୟନ ଲକ୍ଷ୍ୟ ରଖାଯାଇଥିଲା । ଆଉ ମାଷ୍ଟର ପ୍ଲାନ୍ ଅନୁଯାୟୀ ୨୦୩୦ ସୁଦ୍ଧା ଏହାକୁ ମଲ୍ଟି ଡିସିପ୍ଲିନାରି ଇଞ୍ଜିନିୟରିଂ ଆଣ୍ଡ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ଭାବରେ ବିକଶିତ କରାଯାଇଥାନ୍ତା । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଏବଂ ନେସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି)ର ସହିତ 'ଭିସୁଟ୍'କୁ ସମକକ୍ଷ ପାଇଁ ଯୋଜନା ହୋଇଥିବା ସେତେବେଳେ ସୂଚନା ଦିଆଯାଇଥିଲା । ଏଥିରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ, ସ୍କୁଲ୍ ଅଫ୍ ମେଡିକାଲ୍ ଟେକ୍ନୋଲୋଜି ଓ ସ୍କୁଲ ଅଫ୍ ବେସିକ୍ ସାଇନ୍ସ, ଦକ୍ଷତା ବିକାଶ କେନ୍ଦ୍ର ଭଳି ୭ଟି ସ୍କୁଲ୍ ସ୍ଥାପନ ହୋଇଥାନ୍ତା । ୭ଟି ସ୍କୁଲରେ ୨୪ଟି ଇଞ୍ଜିନିୟରିଂ ପାଠ୍ୟକ୍ରମ ଓ ୨୭ରୁ ଅଧିକ ଉତ୍କର୍ଷ କେନ୍ଦ୍ର ଗଠନ ଲକ୍ଷ୍ୟ ରହିଥିଲା । ପ୍ରତ୍ୟେକ ସ୍କୁଲରେ ସ୍ମାର୍ଟ ଶ୍ରେଣୀଗୃହ, ପ୍ରଫେସରଙ୍କ ପ୍ରକୋଷ୍ଠ ଓ ଗ୍ୟାଲେରି ବ୍ୟତୀତ ଅତ୍ୟାଧୁନିକ ଗବେଷଣା କେନ୍ଦ୍ର, ଲାବୋରେଟୋରି ବ୍ୟବସ୍ଥା ଉପଲବ୍ଧି ହୋଇଥାନ୍ତା । ମୁଖ୍ୟମନ୍ତ୍ରୀ ୩ ମାସ ମଧରେ ସମସ୍ତ ସ୍ମାର୍ଟ ଶ୍ରେଣୀଗୃହ ନିର୍ମାଣ ଓ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ, ଏସବୁ ଧୂଆଁବାଣ ଥିଲା । ସରକାର ଘୋଷଣା ତ କରିଦେଲେ, କିନ୍ତୁ ଏଥିପାଇଁ ପାଣ୍ଠି ବ୍ୟବସ୍ଥା କରି ନ ଥିଲେ ।

## ସମ୍ବଲପୁରରେ ଯୋଗ ଦେଲେ ନୂତନ ଆର୍‌ଡିସି



ସମ୍ବଲପୁର: ବରିଷ୍ଠ ଆଇଏଏସ୍ ଅଧିକାରୀ ସଚିନ ରାମଚନ୍ଦ୍ର ଯାଦବ ନୂତନ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ରୂପେ ଯୋଗ ଦେଇଛନ୍ତି । ୨୦୦୭ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶ୍ରୀ ଯାଦବ ପୂର୍ବରୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ରୂପେ କାର୍ଯ୍ୟରତ ଥିଲେ । ଏହି ଡିଭିଜନ ଅଧିନରେ ଆସୁଥିବା ଅନୁଗୁଳ ଜିଲ୍ଲାର ଜିଲ୍ଲାପାଳ ରୂପେ ମଧ ଗତ କିଛିବର୍ଷ ତଳେ ସେ କାର୍ଯ୍ୟ କରିଥିଲେ । ତାଙ୍କ ଏହି ନୂତନ ପଦବୀରେ ଯୋଗଦାନ ପରେ ଗତ ପ୍ରାୟ ୨ ମାସ ହେବ ଖାଲି ପଡିଥିବା ଉତ୍ତରାଞ୍ଚଳ ରାଜସ୍ୱ କମିଶନର ପଦବୀ ପୂରଣ ହୋଇଛି ।

## ଦ୍ରୁତ ଶିଳ୍ପାୟନ ଯୋଗୁଁ ଝାରସୁଗୁଡ଼ା ଜିଲ୍ଲାରେ ଚାଷଜମି କମିବାରେ ଲାଗିଛି

ଝାରସୁଗୁଡ଼ା: ଦ୍ରୁତ ଶିଳ୍ପାୟନ ଯୋଗୁଁ ଝାରସୁଗୁଡ଼ା ଜିଲ୍ଲାରେ ଚାଷଜମି ହ୍ରାସ ପାଇବାରେ ଲାଗିଛି । ଜମି ଗୁଡ଼ିକ ଧୀରେ ଧୀରେ ଅଣଚାଷ ଉଦ୍ଦେଶ୍ୟରେ ବିନିଯୋଗ ହେଉଛି । କେଉଁଠି ଚାଷଜମିର କିସମ ପରିବର୍ତ୍ତନ କରାଯାଇ ତାହାକୁ ଶିଳ୍ପ ଉଦ୍ଦେଶ୍ୟରେ ବିନିଯୋଗ କରାଯାଉଛି ତ' ଆଉ କେଉଁଠି କିସମ ମଧ ପରିବର୍ତ୍ତନ ହେଉନି । ସରକାରୀ ତଥ୍ୟ ଅନୁସାରେ, ବିଗତ ୧୦ ବର୍ଷରେ ଝାରସୁଗୁଡ଼ା ଜିଲ୍ଲାରେ ୩୧୨୪ ଏକର ଚାଷଜମି ଅଣଚାଷ ଉଦ୍ଦେଶ୍ୟରେ ବିନିଯୋଗ କରାଯାଇଛି ଓ ଏ ବାବଦରେ ସରକାରଙ୍କ ନିକଟରେ ପ୍ରିମିୟମ୍ ମଧ ପୈଠ ହୋଇଛି ।

ମାତ୍ର କିସମ ପରିବର୍ତ୍ତନ ନ ହୋଇ ଅଣଚାଷରେ ବ୍ୟବହୃତ ଚାଷଜମିର ପରିମାଣ ଏହାଠାରୁ ଢେର ଅଧିକ ରହିଛି । ଯାହାର ସିଧାସଳଖ ପ୍ରଭାବ ପଡ଼ିଛି ଜିଲ୍ଲାର କୃଷି ପରିସଂଖ୍ୟାନ ଉପରେ । ରାଜ୍ୟ କୃଷି ବିଭାଗ ପକ୍ଷରୁ ଜାରି କରାଯାଉଥିବା ବାର୍ଷିକ ପରିସଂଖ୍ୟାନ ରିପୋର୍ଟକୁ ଅନୁଧ୍ୟାନ କଲେ ବିଗତ ୧୫ ବର୍ଷ ମଧରେ ଜିଲ୍ଲାରେ ୩୫ ପ୍ରତିଶତ ଧାନଚାଷ ହ୍ରାସ ପାଇଛି ।

କୃଷି ବିଭାଗର ତଥ୍ୟକୁ ଅନୁଶୀଳନ କଲେ ୨୦୧୦-୧୧ ମସିହା ଖରିଫ ଋତୁରେ ଝାରସୁଗୁଡ଼ା ଜିଲ୍ଲାରେ ୭୭.୬୩ ହଜାର ହେକ୍ଟର ଜମିରେ କୃଷି କାର୍ଯ୍ୟ ହୋଇଥିଲା । ସେହିବର୍ଷ କେବଳ ୨.୨୫ ହଜାର ହେକ୍ଟର ଜମିରେ ଧାନଫସଲ ହୋଇଥିଲା । ଏହାର ୫ ବର୍ଷ ପରେ ଅର୍ଥାତ ୨୦୧୫-୧୬ ମସିହା ଖରିଫ୍ ଋତୁ ବେଳକୁ ଜିଲ୍ଲାର ମୋଟ କୃଷିକାର୍ଯ୍ୟ ୬୫.୭୪ ହଜାର ହେକ୍ଟରକୁ ଖସି ଆସିଥିଲା । ଏହିବର୍ଷ ଜିଲ୍ଲାରେ ଧାନଚାଷର ପରିମାଣ ମଧ ହ୍ରାସ ପାଇ ୪୬.୦୬ ହଜାର ହେକ୍ଟରରେ ପହଞ୍ଚିଥିଲା । ୨୦୧୮-୧୯ ମସିହା ଖରିଫ୍ ବେଳକୁ ଜିଲ୍ଲାର ମୋଟ କୃଷି ଜମି ୫୩.୫୧ ହଜାର ହେକ୍ଟରକୁ ଖସି ଆସିଥିଲା । ଏହି ବର୍ଷ ଜିଲ୍ଲାରେ ଧାନ ଚାଷ ମଧ ୪୦.୭୮



ହେକ୍ଟରକୁ ହ୍ରାସ ପାଇଥିଲା । ୨୦୨୨-୨୩ ମସିହାର ଚିତ୍ରକୁ ଅନୁଶୀଳନ କଲେ ମୋଟ କୃଷି ଜମି ପ୍ରାୟ ୪୭ ହଜାର ହେକ୍ଟରକୁ ଖସି ଆସିଥିବା ବେଳେ ଧାନଚାଷ ମଧ ୩୫ ହଜାର ହେକ୍ଟରରେ ସୀମିତ ରହିଯାଇଛି । ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ଜଳସେଚନର ଉତ୍ତମ ବ୍ୟବସ୍ଥା ନ ରହିବା କାରଣରୁ ବାରମ୍ବାର ଧାନ ଫସଲରେ କ୍ଷତି ମଧ ଏହାର ଅନ୍ୟତମ କାରଣ । ଫଳରେ ଚାଷୀ ଚାଷ ଛାଡ଼ି ଅନ୍ୟ କାମ କରିବାକୁ ଆରମ୍ଭ କଲାଣି । ସେପଟେ ଚାଷୀକୁ ଚାଷଠାରୁ ଅଧିକ ଦାମ୍ ଦେବାର ପ୍ରଲୋଭିତ କରାଯାଇ ଉକ୍ତ ସ୍ଥାନକୁ କେଉଁଠି ପାଉଁଶ ଗଦା ତ କେଉଁଠି ଶିଳ୍ପବର୍ଜ୍ୟର ପାହାଡ଼ କରିଦିଆଗଲାଣି ।

୨୦୦୦ ମସିହା ପୂର୍ବର ସ୍ଥିତି ଅନୁସାରେ, ଜିଲ୍ଲାରେ କେବଳ ଧାନଚାଷର ପରିମାଣ ପ୍ରାୟ ୭୦ ହଜାର ହେକ୍ଟର ରହିଥିଲା । ନିକଟରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି, ଏବେ ଝାରସୁଗୁଡ଼ାରେ ମୋଟ ୮୭ ହଜାର ୭୮୩ ହେକ୍ଟର ଚାଷଜମି ରହିଛି । ଯେଉଁଥିରୁ ଝାରସୁଗୁଡ଼ା ବ୍ଲକ୍‌ରେ ୧୯୧୪୯ ହେକ୍ଟର, କିର୍ମିରା ବ୍ଲକ୍‌ରେ ୧୧୫୭୨ ହେକ୍ଟର, କୋଲାବିରା ବ୍ଲକ୍‌ରେ ୧୩୧୮୯ ହେକ୍ଟର, ଲଇକେରା ବ୍ଲକ୍‌ରେ ୧୫୬୯୪ ହେକ୍ଟର ଓ ଲଖନପୁର ବ୍ଲକ୍‌ରେ ୨୮୧୭୯ ହେକ୍ଟର ଚାଷଜମି ରହିଛି ।

## ଏ ସଂଖ୍ୟାରେ..


ଦେହକୁ ହିତ ପୋଟଳ


ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ଫୁଲକୋବି


ବହୁ ଉପକାରୀ ଅଁଳା


ଦୂର କରନ୍ତୁ ନିଦ୍ରାହୀନତା


ଅନିଦ୍ରା ସମସ୍ୟା ବଢ଼ାଏ ଚା'


ବନ୍ଧାକୋବିର ଉପକାରିତା

## ବ୍ରଜରାଜନଗର ପୌରପରିଷଦ, ବ୍ରଜରାଜନଗର

ବ୍ରଜରାଜନଗର ପୌରପରିଷଦ ସହରାଞ୍ଚଳର ସମସ୍ତ ଜନସାଧାରଣ ଓ ବୁଦ୍ଧିଜିବୀମାନଙ୍କୁ **ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୪** ପାଳନ ଅବସରରେ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

**ବ୍ରଜରାଜନଗର ପୌରାଞ୍ଚଳର ସର୍ବାଙ୍ଗିନ ଉନ୍ନତି ଏବଂ ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ ।**

| ଶ୍ରୀଯୁକ୍ତ କ୍ରୀଷ୍ଣା ଗୋପାଳ ସିଟାନୀ | ସ୍ୱା/- | ଶ୍ରୀମତୀ ଯାଜ୍ଞସେନୀ ଓରାମ |
|---|---|---|
| ଉପ - ନଗରପାଳ | ନିର୍ବାହୀ ଅଧିକାରୀ | ନଗରପାଳ |
| ବ୍ରଜରାଜନଗର ପୌରପରିଷଦ | ବ୍ରଜରାଜନଗର ପୌରପରିଷଦ | ବ୍ରଜରାଜନଗର ପୌରପରିଷଦ |

ଏବଂ ପରିଷଦ ସମସ୍ତ ସଦସ୍ୟ/ସଦସ୍ୟା ବୃନ୍ଦ


# ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର: ଜିଲ୍ଲାରେ ଓଡିଶା ସରକାରଙ୍କ ମହିଳା ବିକାଶ ପାଇଁ ମହତ୍ୱାକାଂକ୍ଷୀ ଯୋଜନା ସୁଭଦ୍ରାର ସଫଳ ରୂପାୟନ ପାଇଁ ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଏହି ଯୁଗାନ୍ତକାରୀ ଯୋଜନାରେ ଯୋଗ୍ୟ ମହିଳା ହିତାଧିକାରୀ ମାନେ ସଚେତନ ହୋଇ ବହୁ ମାତ୍ରାରେ କିଭଳି ଯୋଗ ଦେଇ ପାରିବେ ତା ଉପରେ ବିଶଦ ଆଲୋଚନା ହୋଇଥିଲା । ମହିଳା ଓ ଶିଶୁ ବିକାଶ ଅଧିନରେ ଅଙ୍ଗନବାଡି କର୍ମୀ ମାନେ ଘର ଘର ଯାଇ ୨୧ ରୁ ୬୦ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ମହିଳା ହିତାଧିକାରୀ ଚିହ୍ନଟ କରିବା ସହ ଆବଶ୍ୟକ ଆବେଦନ ଫର୍ମ ମାଗଣାରେ ଯୋଗାଇ ଦେବେ । ପୁନଶ୍ଚ ନିକଟସ୍ଥ ସହଜ ସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ରେ ମଧ ଆବେଦନ ଫର୍ମ ମାଗଣାରେ ଉପଲବ୍ଧ ହେବ । ଆବେଦନ ପାଇଁ ଆଧାର କାର୍ଡ ଅନିବାର୍ଯ୍ୟ ରହିଥିବା ବେଳେ ହିତାଧିକାରୀଙ୍କ ଆଧାର କାର୍ଡ କୁ ମୋବାଇଲ ସହିତ ଲିଙ୍କ କରାଯିବ । ଡିବିଟି ମାଧମରେ ମହିଳା ମାନଙ୍କ ଆକାଉଣ୍ଟକୁ ସିଧାସଳଖ ବାର୍ଷିକ ୧୦୦୦୦ଟଙ୍କା ପଠାଯିବ । ଯେଉଁ ମହିଳା ମାନଙ୍କ ଆଧାର କାର୍ଡ, ବେଙ୍କ ଆକାଉଣ୍ଟ ଇତ୍ୟାଦି ନାହିଁ ସେମାନେ ନିଜ ବ୍ଲକରେ ତଥା ଅନୁଷ୍ଠିତ ନିକଟସ୍ଥ ଆଧାର କେମ୍ପର ସ୍ୱତନ୍ତ୍ର ଶିବିର ରେ ଏହାର ଆବଶ୍ୟକ ସୁବିଧା ନେଇ ପାରିବେ । ଘରେ ଘରେ ଏହି ଯୋଜନାର ଲାଭ ପହଞ୍ଚାଇବା ପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଯିବ । ବିନା ହଇରାଣ ହରକତରେ ଏବଂ କୌଣସି ମଧ୍ୟସ୍ଥି ଦଲାଲ ହାବୁଡ଼ରେ ନପଡ଼ି ଏହି ମହତ୍ୱକାଂକ୍ଷୀ ଯୋଜନାର ଲାଭ କିଭଳି ଜିଲ୍ଲାର ସବୁ ଯୋଗ୍ୟ ମହିଳା ପାଇପାରିବେ ଏଥି ପ୍ରତି ସ୍ୱତନ୍ତ୍ର ଯତ୍ନବାନ ହେବା ପାଇଁ ଜିଲ୍ଲାପାଳ ସମସ୍ତ ଉପସ୍ଥିତ ଅଧିକାରୀ ମାନଙ୍କୁ ଅନୁରୋଧ କରିଥିଲେ । ଏହି ଯୋଜନା ଯେପରି ସମସ୍ତ ହିତାଧିକାରୀ ନିଶ୍ଚିତ ପାଇପାରିବେ ସେଥି ନିମନ୍ତେ ଜିଲ୍ଲାର ବିଭିନ୍ନ ବିଭାଗକୁ ନେଇ କାର୍ଯ୍ୟକାରିତାର ସଫଳତା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରୀମଲ , ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ମୁଖ୍ୟ ପ୍ରବନ୍ଧକ ଏସ ବି ଆଇ ଲକ୍ଷ୍ମଣ କୁମାର ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ସମେତ ସମସ୍ତ ବି ଡି ଓ ତହସିଲଦାର, ସି ଡି ପି ଓ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଉଲୁଣ୍ଡାରେ ଆୟୁଷ୍ମାନ ଆରୋଗ୍ୟ ଶିବିର

ସୋନପୁର: ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ଼ାକ୍ତର ସମୀର ଭୋଇଙ୍କ ଦ୍ୱାରା ଉଦଘାଟିତ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରରେ ସାଧାରଣ ବର୍ହିବିଭାଗ ସହ ସ୍ତ୍ରୀ ଓ ପ୍ରସୂତି,ଶିଶୁରୋଗ, ଭେଷଜ, ନାଶା ଗଳା ଓ କର୍ଣ୍ଣ,ଦନ୍ତ,ଅଣ ସଂକ୍ରାମକ ରୋଗ, ଆୟୁଷ, କୁଷ୍ଠ ରୋଗ, ଯକ୍ଷ୍ମା ରୋଗ ଆଦି ପାଇଁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଛି । ବିଶେଷକରି ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଉପଲବ୍ଧ ନଥିବା ଭେଷଜ,ନାଶା ଗଳା ଓ କର୍ଣ୍ଣ ଏବଂ ଦନ୍ତ ସମ୍ବନ୍ଧୀୟ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଡ଼ାକ୍ତରଙ୍କ ଦ୍ୱାରା ସାଧାରଣ ଲୋକଙ୍କୁ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଥିଲା । ଏହା ସହ ସମନ୍ୱିତ ସ୍ୱାସ୍ଥ୍ୟ ପରାମର୍ଶ ଏବଂ ଯୋଗ ସୂତ୍ର ଅନୁଷ୍ଠିତ ହୋଇଥିଲା । ଭେଷଜ ବିଶେଷଜ୍ଞ ଡ଼ାକ୍ତର ନରେନ୍ଦ୍ର କୁମାର ମେହେର,ଦନ୍ତ ବିଶେଷଜ୍ଞ ଡ଼ାକ୍ତର ଦେବେଶ ପଣ୍ଡା,ନାଶା ଗଳା ଓ କର୍ଣ୍ଣ ବିଶେଷଜ୍ଞ ଡ଼ାକ୍ତର ରଶ୍ମି ରଞ୍ଜନ ହୋତା, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ସମୀର ଭୋଇ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ଼ାକ୍ତର ମୀନାକ୍ଷୀ ମହାଲିକ, ଡ଼ାକ୍ତର ମୁକେଶ କୁମାର ମେହେର, ଡ଼ାକ୍ତର ଦେବାଶିଷ ବାଗ, ଆୟୁଷ ଡ଼ାକ୍ତର ବିଶ୍ୱନାଥ ମେହେର, ଆୟୁଷ ଡ଼ାକ୍ତର ଅରୁଣ କୁମାର ଦାଶ, ଯୋଗ ପ୍ରଶିକ୍ଷକ ଅମରେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲେ ଓ ଶିବିରରେ ମାଗଣା ରୋଗ ନିରୂପଣ ଓ ମାଗଣା ଔଷଧ ସେବା ମଧ ଉପଲବ୍ଧ କରାଯାଇଥିଲା । ଅନୁଷ୍ଠିତ ଆୟୁଷ୍ମାନ ଆରୋଗ୍ୟ ଶିବିରରେ ମୋଟ ୧୮୨ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଥଲା ।

## ସ୍ମାର୍ଟ ମିଟର ସମ୍ପୂର୍ଣ୍ଣ ସୁରକ୍ଷିତ

ବରଗଡ଼: ଘରୋଇ ବିଦ୍ୟୁତ୍ କମ୍ପାନୀ ଟିପିଡବ୍ଲୁଓ ଡିଏଲ୍ ପକ୍ଷରୁ ଲଗାଯାଇଥିବା ସ୍ମାର୍ଟ ମିଟର ସମ୍ପୂର୍ଣ୍ଣ ସୁରକ୍ଷିତ, ବିଶ୍ୱସନୀୟ ଓ ଭରସାଯୋଗ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ମାର୍ଟ ମିଟର ଫେରସ୍ତ କରାଯାଉଥିବା ଘଟଣାକୁ ନେଇ ଏଠାରେ ଏହି ଘରୋଇ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ପ୍ରବୀଣ ବର୍ମା, ବରିଷ୍ଠ ଅଧିକାରୀ ଆଶିଷ ପାଟ୍ଟଯୋଶୀ, ପି.ପି ତେନ୍ଦୁଲକର ପ୍ରମୁଖ କହିଥିଲେ ଯେ, ସମସ୍ତ ସ୍ମାର୍ଟ ମିଟର ଗୁଡ଼ିକ ଲାବୋରେଟରିରେ ପରୀକ୍ଷା ପରେ ଲଗାଯାଇଛି । କୌଣସି ପ୍ରକାର ସନ୍ଦେହ ହେଲେ ମିଟର ପରୀକ୍ଷା କରାଯିବ ବୋଲି କହିଛନ୍ତି । ସୁଚନା ଯୋଗ୍ୟ ଯେ, ବରଗଡ଼ ଜିଲ୍ଲାର ସୋହେଲାରେ ଗ୍ରାହକମାନେ ବହୁ ସଂଖ୍ୟାରେ ଆସି ବିଦ୍ୟୁତ୍ ଅଫିସ୍ ରେ ସ୍ମାର୍ଟ ମିଟର ଫେରସ୍ତ କରିଛନ୍ତି ।

## ଜିଲ୍ଲା ସଡକ ସୁରକ୍ଷା କମିଟିର ବୈଠକ

ବୌଦ୍ଧ: ବୌଦ୍ଧ ଜିଲାରେ ଦୁର୍ଘଟଣା ହାର ବୃଦ୍ଧି ପାଇ ଚାଲିଥିବାରୁ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଉଦବେଗ ପ୍ରକାଶ କରି ସେଗୁଡିକ ରୋକିବାକୁ ସମସ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୌଦ୍ଧ ଜିଲା ସଡକ ସୁରକ୍ଷା କମିଟିର ବୈଠକ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପଣ୍ଡା ଜାତୀୟ ରାଜପଥରେ ଦୁର୍ଘଟଣାସ୍ଥଳ ଗୁଡିକୁ ଚିହ୍ନଟ କରାଯାଇ ଗାଡିଚାଳକ ମାନଙ୍କ ପାଇଁ ଉପଯୁକ୍ତ ସୂଚନା ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ । ବେପରୁଆ ଗାଡିଚାଳନା ଯୋଗୁଁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାରୁ ଟ୍ରାଫିକ୍ ନିୟମ କଡାକଡି ଭାବରେ ଲାଗୁ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ସୋନପୁର: କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ୨୧ତମ ପ୍ରାଣୀ ସମ୍ପଦ ଗଣନା ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ସୁବର୍ଣ୍ଣପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଗୃହପାଳିତ ପ୍ରାଣୀ ସମ୍ପଦର ଡିଜିଟାଇଜେସନ ଗଣନା ଉପରେ କ୍ଷେତ୍ରୀୟ ଅଧିକାରୀଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି ।

## ଦେବଗଡ ଜିଲ୍ଲାରେ ସୁଭଦ୍ରା ଯୋଜନା କାର୍ଯ୍ୟକାରିତା ନେଇ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

ଦେବଗଡ଼: ଦେବଗଡ଼ ଦେବଗଡ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷ ଠାରେ ସୁଭଦ୍ରା ଯୋଜନା ଉପରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସୁଭଦ୍ରା ଯୋଜନାରେ ଦେବଗଡ଼ ଜିଲ୍ଲାରେ ୨୧ ରୁ ୬୦ ବର୍ଷ ମଧରେ ୧ ଲକ୍ଷ ୨୧ ହଜାର ମହିଳା ଯୋଜନାରେ ଲାଭ ପାଇବେ । ସମସ୍ତ ମହିଳାଙ୍କ ଆଧାର କାର୍ଡ ଓ ବ୍ୟାଙ୍କ ଏକାଉଣ୍ଟ ସହ ମୋବାଇଲ୍ ନମ୍ବର ଲିଙ୍କ ରହିବା ଆବଶ୍ୟକ । ଏହା ସହ ସୁଭଦ୍ରା ଯୋଜନାର ସରକାରଙ୍କ ନିର୍ଦ୍ଦେଶାବଳୀ ଉପରେ ମଧ ଜିଲ୍ଲାପାଳ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ବର୍ଷକୁ ପ୍ରତ୍ୟେକ ହିତାଧିକାରୀ ୧୦ ହଜାର ଟଙ୍କା ରାକ୍ଷୀ ପୂର୍ଣ୍ଣିମା ଓ ଆନ୍ତର୍ଜାତୀୟ ମହିଳା ଦିବସରେ ଦୁଇଟି କିସ୍ତିରେ ପ୍ରଦାନ କରାଯିବ । ହିତାଧିକାରୀ ମାନେ ଜନସେବା କେନ୍ଦ୍ରରେ ଏ ନେଇ ମାଗଣାରେ ସେପ୍ଟେମ୍ବର ୨ ତାରିଖ ରୁ ୧୪ ତାରିଖ ମଧରେ ଆବେଦନ କରି ପାରିବେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଗ୍ରସେନ ଓରାମ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ କୁଣ୍ଡୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଡିପିଏମ ଓ.ଏଲ.ଏମ ସ୍ମରଣିକା ମହାପାତ୍ର, ଗ୍ରାମ ପଞ୍ଚାୟତ ସମ୍ପ୍ରସାରିତ ଅଧିକାରୀ କିଶୋର ଚନ୍ଦ୍ର ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ କ୍ରୀଡ଼ା ସପ୍ତାହ ପାଳନ ଉପଲକ୍ଷେ ବୈଠକ

ଝାରସୁଗୁଡ଼ା: ଜାତୀୟ କ୍ରୀଡ଼ା ସପ୍ତାହ ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଶପଥ ପାଠ ଅନୁଷ୍ଠିତ ହୋଇଥିବା ବେଳେ ହକି ଯାଦୁକର ଧ୍ୟାନଚାନ୍ଦଙ୍କ କ୍ରୀଡ଼ା ପ୍ରତିଭା ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ କ୍ରୀଡ଼ା ସପ୍ତାହ ପାଳନ ଅବସରରେ ବିଭିନ୍ନ କ୍ରୀଡ଼ା ସଂଗଠନ ପକ୍ଷରୁ ହକି, ଫୁଟବଲ, ଖୋ-ଖୋ, ବ୍ୟାଡମିଣ୍ଟନ,କ୍ରିକେଟ ଓ ପେଞ୍ଚାକ ସିଲଟ ଆଦି ବିଭିନ୍ନ ଖେଳ ଆୟୋଜନ ସହ ବିଦ୍ୟାଳୟ ସ୍ତରରେ ମଧ ବିଭିନ୍ନ ଖେଳ ଆୟୋଜନ କରାଯିବାକୁ ସ୍ଥିର କରାଯାଇଥିଲା । ଓ ଏମ୍ ପି ସ୍ଥିତ ପଡ଼ିଆରେ ଫୁଟବଲ ଓ ଖୋ - ଖୋ, ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ କ୍ରିକେଟ, କିର୍ମିରାରେ ହକି, ସରବାହାଲସ୍ଥିତ ଝାରସୁଗୁଡ଼ା ଜିଲ୍ଲା ପେଞ୍ଚାକ ସିଲଟ ଆସୋସିଏସନ ହଲରେ ପେଞ୍ଚାକ ସିଲଟ ଓ ମଙ୍ଗଳ ବଜାର ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ବ୍ୟାଡମିଣ୍ଟନ ମ୍ୟାଚ ଅନୁଷ୍ଠିତ ହେବ । ବିଦ୍ୟାଳୟ ସ୍ତରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଖେଳ ସମୂହ ଅନୁଷ୍ଠିତ ହେବ । ବୈଠକରେ ଓ ଏସ୍ ଏ ପି ୨ୟ ବାଟାଲିୟନ ଡେପୁଟି କମାଣ୍ଡାଣ୍ଟ , ଡିପିଇଓ ବିମଳ ତାଣ୍ଡି, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ତାପସ ରାୟ ଚୌଧୁରୀ, ଓଡ଼ିଶା ହକି ସଂଘ ଉପ ସଭାପତି ଜୀବନ ମହାନ୍ତି, ପ୍ରଫେସର ଟହଲୁ ସାହୁ, ବିଜୟ ବେହେରା, ମୋହନ ମିଶ୍ର , ଶୁଭମ ଦେବ ,ଗଣେଷ ନାଏକ, ପ୍ରଶାନ୍ତ ଜେନା,ମେହତ୍ୱା ଖାନ,ପ୍ରଜ୍ୱଳ ପଟେଲ,ପ୍ରେମସିଂ ଥାପ୍ପା, କ୍ଲେମେଣ୍ଟ ରୋନାଲଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଡିସିପିଓ ସୁନନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଜ୍ଞାନରୁ ମୁକ୍ତି ହିଁ ମୋକ୍ଷ

ଭାରତୀୟ ସଂସ୍କୃତିରେ ମୋକ୍ଷପ୍ରାପ୍ତିକୁ ଜୀବନର ପରମ ଲକ୍ଷ୍ୟ ବୋଲି ସ୍ୱୀକାର କରାଯାଇଛି । ମୋକ୍ଷକୁ ହିଁ ବିଭିନ୍ନ ଦର୍ଶନ ଓ ଶାସ୍ତ୍ରରେ କୈବଲ୍ୟ, ଅପବର୍ଗ, ମୁକ୍ତି, ନିର୍ବାଣ, ସ୍ୱରୂପସ୍ଥିତି, ସ୍ଥିତପ୍ରଜ୍ଞତା, ସ୍ୱୋପଲବ୍ଧି, ପରମପଦ ଓ ନିଃଶ୍ରେୟସ୍ ଆଦି କୁହାଯାଇଛି । 'ମୋକ୍ଷ'ର ଅର୍ଥ 'ମୁକ୍ତି', କିନ୍ତୁ ପ୍ରଶ୍ନ ଉଠୁଛି ଯେ କାହାର ମୁକ୍ତି ଓ କେଉଁଥିରୁ ମୁକ୍ତି ? ଏବଂ ମୁକ୍ତି କାହିଁକି ଓ କିପରି ? ପ୍ରକୃତରେ 'ମୁକ୍ତି' ଶବ୍ଦର ଉତ୍ପତ୍ତି ସଂସ୍କୃତ ଭାଷାର 'ମୁଚ' ଧାତୁରୁ ହୋଇଛି, 'ମୁଚ' ଧାତୁର ପ୍ରୟୋଗ ମୁକ୍ତ ହେବା ଅର୍ଥରେ କରାଯାଏ ।

ଏହିପରି ମୋକ୍ଷ ଅଥବା ମୁକ୍ତିର ଅର୍ଥ ମୁକ୍ତ ହେବା । ଜୀବର ଜନ୍ମ ଓ ମରଣର ବନ୍ଧନରୁ ମୁକ୍ତ ହୋଇଯିବା, ଛାଡ ପାଇଯିବା ହିଁ ମୋକ୍ଷ । ମୋହ କ୍ଷୟ ହୋଇଯିବାକୁ ମୋକ୍ଷ କୁହାଯାଏ । ଏଠାରେ ମୁକ୍ତି (ମୋକ୍ଷ)ର ଅର୍ଥ ଜୀବାତ୍ମା ସମସ୍ତ ଦୁଃଖ ତଥା ବନ୍ଧନରୁ ମୁକ୍ତ ହୋଇ ନିଜର ଶୁଦ୍ଧ ସ୍ୱରୂପରେ ସ୍ଥିତ ହୋଇଯିବା । ଏଣୁ ମୋକ୍ଷ ସେହି ବିଶେଷ ଅବସ୍ଥା, ଯେଉଁଥିରେ ଜୀବାତ୍ମା ସବୁ ପ୍ରକାର ଦୁଃଖ, କ୍ଲେଶ ତଥା ବନ୍ଧନରୁ ମୁକ୍ତ ହୋଇ ନିଜର ଶୁଦ୍ଧ ସ୍ୱରୂପ, ବାସ୍ତବିକ ସ୍ୱରୂପରେ ସ୍ଥିତ ହୋଇଯାଏ ।

ଜୀବାତ୍ମାର ଏହି ବାସ୍ତବିକ ସ୍ୱରୂପରେ ସ୍ଥିତିକୁ ଋଷିବର ପତଞ୍ଜଳି ଯୋଗସୂତ୍ର ୧.୩ରେ କହିଛନ୍ତି-

ତଦା ଦ୍ରଷ୍ଟୁ ସ୍ୱରୂପେଽବସ୍ଥାନମ୍ ।

ଅର୍ଥାତ୍ ଯେତେବେଳେ ଚିତ୍ତର ବୃତ୍ତିଗୁଡିକର ନିରୋଧ ହୋଇଯାଏ, ସେତେବେଳେ ଦ୍ରଷ୍ଟା (ଆତ୍ମା)ର ନିଜର ସ୍ୱରୂପରେ ସ୍ଥିତି ହୋଇଯାଏ, ଅର୍ଥାତ୍ ସେ ମୋକ୍ଷ, ମୁକ୍ତି ଅଥବା କୈବଲ୍ୟ ଅବସ୍ଥା ପ୍ରାପ୍ତ ହୋଇଯାଏ ।

ଏହି ଅବସ୍ଥାରେ ଜୀବ ଆତ୍ମାକୁ ହିଁ ପ୍ରେମ କରେ, ଆତ୍ମା ସହିତ ଖେଳେ, ଆତ୍ମକ୍ରୀଡା କରେ, ଆତ୍ମାରେ ହିଁ ଆସକ୍ତ ରହିଥାଏ ଏବଂ ଆତ୍ମାରେ ହିଁ ପରମପଦ ପ୍ରାପ୍ତ କରିଥାଏ ।

ଉପନିଷଦ୍ ଅନୁସାର ଅବିଦ୍ୟା (ଅଜ୍ଞାନ) ହିଁ ବନ୍ଧନର କାରଣ । ଅବିଦ୍ୟା (ଅଜ୍ଞାନ) କାରଣରୁ ଅହଂକାର ଉତ୍ପନ୍ନ ହୁଏ ଏବଂ ଏହି ଅହଂକାର ହିଁ ଜୀବକୁ ବନ୍ଧନଗ୍ରସ୍ତ କରିଦିଏ ।

ବନ୍ଧନ ଅବସ୍ଥାରେ ଜୀବକୁ ବ୍ରହ୍ମ, ଆତ୍ମା ଓ ଜଗତର ବାସ୍ତବିକ ସ୍ୱରୂପର ଜ୍ଞାନ ରହେ ନାହିଁ, ଫଳସ୍ୱରୂପ ଜୀବ ଇନ୍ଦ୍ରିୟ, ମନ, ବୁଦ୍ଧି ଅଥବା ଶରୀର ସହିତ ତାଦାତ୍ମ୍ୟ ହେବାରେ ଲାଗେ । ଆତ୍ମା ଶରୀର, ଇନ୍ଦ୍ରିୟ ଓ ମନ ଠାରୁ ଭିନ୍ନ, କିନ୍ତୁ ଅଜ୍ଞାନ କାରଣରୁ ଜୀବାତ୍ମା ସ୍ୱୟଂକୁ ଶରୀର, ଇନ୍ଦ୍ରିୟ ଓ ମନଠାରୁ ଭିନ୍ନ ମାନେ ନାହିଁ । ଏହାର ବିପରୀତ ସେ ଶରୀର, ଇନ୍ଦ୍ରିୟ ଓ ମନକୁ ନିଜର ଅଙ୍ଗ ବୁଝିଥାଏ । ଏହି ବିଷୟଗୁଡିକ ସହିତ ସେ ତାଦାତ୍ମ୍ୟତା ହାସଲ କରିନିଏ । ଏହାକୁ ହିଁ ବନ୍ଧନ କହନ୍ତି । ବନ୍ଧନକୁ ଉପନିଷଦରେ 'ଗ୍ରନ୍ଥି' ମଧ୍ୟ କୁହାଯାଇଛି । ଗ୍ରନ୍ଥିର ଅର୍ଥ- ବାନ୍ଧି ହୋଇଯିବା ।

ମୁଣ୍ଡକ ଉପନିଷଦରେ ଅବିଦ୍ୟାକୁ ଗ୍ରନ୍ଥି କୁହାଯାଇଛି, ଯାହା ଖୋଲିଯିବା ପରେ ହିଁ ଆତ୍ମାର ଦର୍ଶନ ସମ୍ଭବ । ବନ୍ଧନ ଅବସ୍ଥାରେ ମାନବ ମନରେ ଭୁଲ ଧାରଣା ସୃଷ୍ଟି ହୁଏ । ସେଥିପାଇଁ ବନ୍ଧନଗ୍ରସ୍ତ, ଅଜ୍ଞାନଗ୍ରସ୍ତ, ଅବିଦ୍ୟାଗ୍ରସ୍ତ ବ୍ୟକ୍ତି ଅନାତ୍ମ୍ ତତ୍ତ୍ୱକୁ ଆତ୍ମା ବୁଝିବାରେ ଲାଗେ । କ୍ଷଣିକ ବସ୍ତୁକୁ ସ୍ଥାୟୀ ମାନିନେବାରେ ଲାଗେ । ଅବାସ୍ତବିକକୁ ବାସ୍ତବିକ ବୁଝିବାରେ ଲାଗେ । ଦୁଃଖକୁ ସୁଖ ମନେକରେ । ଅପ୍ରିୟ ବସ୍ତୁକୁ ପ୍ରିୟ ଭାବିନିଏ ଓ ତଦନୁରୂପ କର୍ମ କରିଚାଲେ ଏବଂ ଦୁଃଖର ପଙ୍କ ମଧ୍ୟରେ ଫସିଯାଏ ।

ଯେପରି ନୀଳ ରଙ୍ଗର ଚଷମା ପିନ୍ଧିଥିବା ବ୍ୟକ୍ତିକୁ ସାରା ସଂସାର ନୀଳ ଦେଖାଯାଏ, ସେହିପରି ବନ୍ଧନଗ୍ରସ୍ତ, ଅଜ୍ଞାନଗ୍ରସ୍ତ ବ୍ୟକ୍ତିକୁ ଦୁଃଖ, ସୁଖ ପ୍ରତୀତ ହୁଏ, ଅର୍ଥାତ୍ ଅବାସ୍ତବିକ ହିଁ ବାସ୍ତବିକ ପ୍ରତୀତ ହୁଏ, କିନ୍ତୁ ଯେବେ ସେ ନୀଳ ରଙ୍ଗର ଚଷମା କାଢିଦିଏ ଓ କୌଣସି ପାରଦର୍ଶୀ ଚଷମାରେ ଦୁନିଆକୁ ଦେଖିଥାଏ ତ ତାକୁ ଏହି ଦୁନିଆ ନିଜର ବାସ୍ତବିକ ରୂପରେ ଦେଖାଯାଏ ।

ବନ୍ଧନ ଅବସ୍ଥାରେ ଆତ୍ମାକୁ ସାଂସାରିକ ଦୁଃଖର ଅଧୀନରେ ରହିବାକୁ ପଡେ । ବନ୍ଧନ ଅବସ୍ଥାରେ ଜୀବାତ୍ମାକୁ ନିରନ୍ତର ଜନ୍ମଗ୍ରହଣ କରିବାକୁ ପଡେ । ଏହି ପ୍ରକାର ଜୀବନର ଦୁଃଖଗୁଡିକୁ ସହିବା ତଥା ବାରମ୍ବାର ଜନ୍ମଗ୍ରହଣ କରିବା ହିଁ ବନ୍ଧନ ଏବଂ ଏହି ବନ୍ଧନର ଅନ୍ତ ହିଁ ମୋକ୍ଷ । ଏହି ବନ୍ଧନରୁ ମୁକ୍ତ ହୋଇଯିବାକୁ ମୁକ୍ତି କହନ୍ତି । ମୋକ୍ଷ ଦୁଃଖର ପୂର୍ଣ୍ଣ ନିରୋଧର ଅବସ୍ଥା ଅଟେ । ମୋକ୍ଷକୁ ଅପବର୍ଗ ବି କୁହାଯାଏ । ଅପବର୍ଗର ଅର୍ଥ ହେଉଛି- ଶରୀର ଓ ଇନ୍ଦ୍ରିୟମାନଙ୍କ ବନ୍ଧନରୁ ଆତ୍ମା ମୁକ୍ତ ହୋଇଯିବା ।

ମୋକ୍ଷ ଅବସ୍ଥାରେ ଜୀବ ନିଜର ଯଥାର୍ଥ ସ୍ୱରୂପକୁ ଚିହ୍ନିଯାଏ ତଥା ବ୍ରହ୍ମଙ୍କ ସହିତ ତା'ର ତାଦାତ୍ମ୍ୟତା ହୋଇଯାଏ । ଏହି ପ୍ରକାର ମୋକ୍ଷ ଅଥବା ମୁକ୍ତି ବ୍ରହ୍ମାସୈକ୍ୟ ବୋଧ ଅଟେ, ଅର୍ଥାତ୍ ବ୍ରହ୍ମ ଓ ଆତ୍ମାର ଏକତାର, ଅଭିନ୍ନତାର ଜ୍ଞାନ ଅଥବା ବୋଧ ହିଁ ମୋକ୍ଷ, ମୁକ୍ତି, କୈବଲ୍ୟ, ନିର୍ବାଣ, ସ୍ୱରୂପ ସ୍ଥିତି, ସ୍ୱୋପଲବ୍ଧି ହୋଇଥାଏ ।

ବ୍ରହ୍ମ ଓ ଆତ୍ମାର ଅଭେଦର ଜ୍ଞାନ ହିଁ ଭବବନ୍ଧନରୁ ମୁକ୍ତ ହେବାର କାରଣ ହୋଇଥାଏ, ଯାହା ଦ୍ୱାରା ଜୀବାତ୍ମା ଅଦ୍ୱିତୀୟ, ଆନନ୍ଦସ୍ୱରୂପ, ବ୍ରହ୍ମପଦ, ପରମପଦ ପ୍ରାପ୍ତ କରିନିଏ । ବ୍ରହ୍ମ ଓ ଆତ୍ମା ଅଭିନ୍ନତାର ବୋଧ ହୋଇଗଲେ ଜୀବାତ୍ମା ପୁଣି ଜନ୍ମ-ମରଣ ରୂପୀ ସଂସ୍କାର ଚକ୍ରରେ ପଡେ ନାହିଁ ଏବଂ ସେ ସବୁ ପ୍ରକାର ସାଂସାରିକ ଦୁଃଖ ଓ କ୍ଲେଶରୁ ମୁକ୍ତ ହୋଇଯାଏ ।

ମୋକ୍ଷରେ ଯେଉଁ ଆନନ୍ଦର ପ୍ରାପ୍ତି ହୋଇଥାଏ, ତାହା ସାଂସାରିକ ସୁଖ ଓ ଦୁଃଖର ଉର୍ଦ୍ଧ୍ୱରେ । ମୋକ୍ଷ ଅବସ୍ଥାରେ ଜୀବର ବ୍ରହ୍ମଙ୍କ ସହ ଏକାକାର ହୋଇଯାଏ, ସେତେବେଳେ ତାକୁ ପରମାନନ୍ଦର ଅନୁଭୂତି ହୋଇଥାଏ । ଉପନିଷଦ୍‌ରେ ମୋକ୍ଷକୁ ଆନନ୍ଦମୟ ଅବସ୍ଥା କୁହାଯାଇଛି । ଯେହେତୁ ବ୍ରହ୍ମ ଆନନ୍ଦମୟ, ସେଥିପାଇଁ ମୋକ୍ଷାବସ୍ଥା ମଧ୍ୟ ଆନନ୍ଦମୟ ଅଟେ । ମୋକ୍ଷ ହେଉଛି ପରମାନନ୍ଦର ଅବସ୍ଥା ।

କଠୋପନିଷଦ୍ ଓ ବୃହଦାରଣ୍ୟକ ଉପନିଷଦ୍‌ରେ କୁହାଯାଇଛି – ଯେଉଁ ସମୟରେ ସମସ୍ତ କାମନା ସମାପ୍ତ ହୋଇଯାଏ, ସେହି ସମୟରେ ଜୀବ ଏହି ଶରୀରରେ ବ୍ରହ୍ମଙ୍କୁ ପ୍ରାପ୍ତ କରିନିଏ । ସେ ସଂସାରରେ ତ ରହିଥାଏ, କିନ୍ତୁ ସଂସାର ତା' ଭିତରେ ରହେ ନାହିଁ । ସେ କର୍ମ- ନିୟମର ଅଧୀନତାରୁ ମୁକ୍ତ ହୋଇଯାଏ । ଯେପରି ପଦ୍ମପତ୍ର ଉପରେ ଜଳ ରହେ ନାହିଁ, ସେହିପରି କର୍ମ ଜୀବନମୁକ୍ତଙ୍କ ଉପରେ ଲାଗିପାରେ ନାହିଁ । ପ୍ରାରବ୍ଧ କର୍ମଗୁଡିକର କ୍ଷୟ ହୋଇଗଲେ ଜୀବନମୁକ୍ତ ମାନେ ବିଦେହ ହୋଇଯାନ୍ତି ।

ମୋକ୍ଷ ପ୍ରାପ୍ତି ପରେ ବି ମନୁଷ୍ୟର ଶରୀର ରହିଥାଏ । ମୋକ୍ଷର ଅର୍ଥ ଶରୀରର ଅନ୍ତ ନୁହେଁ । ଶରୀର ହେଉଛି ପ୍ରାରବ୍ଧ କର୍ମଗୁଡିକର ଫଳ । ସେଗୁଡିକର ଫଳ ସମାପ୍ତ ନ ହେବା ପର୍ଯ୍ୟନ୍ତ ଶରୀର ବିଦ୍ୟମାନ ଥାଏ । ଯେପରି କୁମ୍ଭାରର ଚକ, କୁମ୍ଭାର ଦ୍ୱାରା ଘୂରାଇବା ବନ୍ଦ କରିଦେବା ପରେ ବି କିଛି ସମୟ ପର୍ଯ୍ୟନ୍ତ ଚାଲିଥାଏ, ସେହିପରି ମୋକ୍ଷ ପ୍ରାପ୍ତ କରିନେବା ପରେ ପୂର୍ବଜନ୍ମର କର୍ମଗୁଡିକ ଅନୁସାର ଶରୀର କିଛି କାଳ ପର୍ଯ୍ୟନ୍ତ ଜୀବିତ ରହିଥାଏ । ଏହାକୁ ଜୀବନମୁକ୍ତି କୁହାଯାଏ ।

ଜୀବନମୁକ୍ତ ବ୍ୟକ୍ତି ସଂସାରରେ ରହିଥାଏ, କିନ୍ତୁ ସଂସାର ତା'ଠାରେ ନ ଥାଏ । ସଂସାରର ଦୋଷ, ପ୍ରପଞ୍ଚ, ବିକାର ତା' ଭିତରେ ନ ଥାଏ । ସେ ସେଗୁଡିକ ଠାରୁ ଅପ୍ରଭାବିତ ରହିଥାଏ । ସେ ସଂସାରର କର୍ମ ଗୁଡିକରେ ଭାଗ ନେଇଥାଏ, ତଥାପି ସେ କର୍ମବନ୍ଧନରେ ବାନ୍ଧିହୁଏ ନାହିଁ । କାରଣ ତା'ର ପ୍ରତ୍ୟେକ କର୍ମ ଅକର୍ମ ହୋଇଯାଏ । ତା'ର ପ୍ରତ୍ୟେକ କର୍ମ ସଂସ୍କାର ଶୂନ୍ୟ ହୋଇଯାଏ । କାରଣ ତା'ର କର୍ମ ଅନାସକ୍ତ ଭାବରେ କରାଯାଇଥାଏ ।

ଯେଉଁ ସବୁ କର୍ମ ଆସକ୍ତ ଭାବରେ କରାଯାଏ, ସେଥିରୁ କର୍ମବନ୍ଧନ ଉତ୍ପନ୍ନ ହୋଇଥାଏ, କର୍ମ ସଂସ୍କାର ଉତ୍ପନ୍ନ ହୋଇଥାଏ, କିନ୍ତୁ ନିଷ୍କାମ କର୍ମ ବା ଅନାସକ୍ତ କର୍ମ ଭଜା ମଞ୍ଜି ପରି ହୋଇଥାଏ । ଯେଉଁଥିରୁ ନୂତନ ଅଙ୍କୁର ବାହାରେ ନାହିଁ । ଯେତେବେଳେ ଜୀବନମୁକ୍ତ ବ୍ୟକ୍ତିର ସ୍ଥୂଳ ଓ ସୂକ୍ଷ୍ମଶରୀରର ଅନ୍ତ ହୋଇଯାଏ, ସେତେବେଳେ ତାକୁ 'ବିଦେହ ମୁକ୍ତି'ର ପ୍ରାପ୍ତି ହୋଇଥାଏ । ବିଦେହ ମୁକ୍ତି ମୃତ୍ୟୁ ପରେ ହିଁ ଉପଲବ୍ଧ ହୋଇଥାଏ ।

ଆଚାର୍ଯ୍ୟ ଶଙ୍କରଙ୍କ ମତରେ ଶରୀର ଓ ମନ ସହିତ ଆତ୍ମାର ଆପଣାର ସମ୍ବନ୍ଧ ହେବା ବନ୍ଧନ ଅଟେ । ଶରୀର ପ୍ରତି ଆତ୍ମାର ଆସକ୍ତ ହେବା ମଧ୍ୟ ବନ୍ଧନ । ଆତ୍ମା ଶରୀରଠାରୁ ଭିନ୍ନ, ତଥାପି ସେ ଶରୀରର ଅନୁଭୂତିଗୁଡିକୁ ନିଜର ଅନୁଭୂତି ବୁଝିଥାଏ । ଏହା ହେଉଛି ବନ୍ଧନ । ଆତ୍ମା ସ୍ୱଭାବତଃ ନିତ୍ୟ, ଶୁଦ୍ଧ, ଚୈତନ୍ୟ, ମୁକ୍ତ ଓ ଅବିନାଶୀ, କିନ୍ତୁ ଅଜ୍ଞାନର ବଶୀଭୂତ ହୋଇ ସେ ବନ୍ଧନଗ୍ରସ୍ତ ହୋଇଯାଏ ।

ଏବେ ପ୍ରଶ୍ନ ଉଠୁଛି ଯେ ବନ୍ଧନଗ୍ରସ୍ତ ଜୀବାତ୍ମା ବନ୍ଧନମୁକ୍ତ ହେବ କିପରି ? ବନ୍ଧନରୁ ମୁକ୍ତିର ମାର୍ଗ କ'ଣ ? ମୋକ୍ଷ ପ୍ରାପ୍ତିର ମାର୍ଗ କ'ଣ ? ଅଦ୍ୱୈତ ବେଦାନ୍ତର ପ୍ରବର୍ତ୍ତକ ଆଚାର୍ଯ୍ୟ ଶଙ୍କରଙ୍କ ଅନୁସାର ଆତ୍ମା ନିଜର ବାସ୍ତବିକ ସ୍ୱରୂପରେ ଅବସ୍ଥିତ ହୋଇଯିବାକୁ ମୋକ୍ଷ କହନ୍ତି । ଆତ୍ମାର ବାସ୍ତବିକ ସ୍ୱରୂପ ହେଉଛି ବ୍ରହ୍ମଭାବ, କିନ୍ତୁ ଅଜ୍ଞାନ (ଅବିଦ୍ୟା) କାରଣରୁ ଜୀବାତ୍ମା ନିଜର ବ୍ରହ୍ମଭାବ, ବ୍ରହ୍ମସ୍ୱରୂପକୁ ଭୁଲି ଦୁଃଖ ଭୋଗିଥାଏ । ସେଥିପାଇଁ ଅଜ୍ଞାନରୁ ମୁକ୍ତିକୁ ମୋକ୍ଷ କୁହାଯାଇଛି । ନିଜର ବ୍ରହ୍ମସ୍ୱରୂପରେ ଆତ୍ମା ସବୁ ପ୍ରକାର ଦୁଃଖ ଓ ବନ୍ଧନରୁ ମୁକ୍ତ ହୋଇଥାଏ ।

ଆଚାର୍ଯ୍ୟ ଶଙ୍କରଙ୍କ ମତରେ ଜୀବାତ୍ମା ମଧ୍ୟରେ ବିଦ୍ୟା (ଜ୍ଞାନ)ର ଉଦୟ ନ ହେବା ପର୍ଯ୍ୟନ୍ତ ସେ ସଂସାରରେ ଦୁଃଖର ସାମନା କରୁଥିବ । ସେ ଜନ୍ମ– ମରଣର ଚକ୍ରରେ ପଡି ଦୁଃଖ ଭୋଗୁଥିବ । ଏଣୁ ଜ୍ଞାନ ବିନା ମୁକ୍ତି ସମ୍ଭବ ନୁହେଁ, ମୋକ୍ଷ ସମ୍ଭବ ନୁହେଁ । ଆତ୍ମଜ୍ଞାନ (ବ୍ରହ୍ମଜ୍ଞାନ) ହିଁ ଅଜ୍ଞାନ ରୂପୀ (ଅବିଦ୍ୟା) ବନ୍ଧନରୁ ମୁକ୍ତିର ମାର୍ଗ । ଅବିଦ୍ୟାର ଅନ୍ତ ବିଦ୍ୟା ଦ୍ୱାରା ସମ୍ଭବ । ଅଜ୍ଞାନର ଅନ୍ତ ଜ୍ଞାନ ଦ୍ୱାରା ସମ୍ଭବ । ଅବିଦ୍ୟା କେବଳ ବିଦ୍ୟା ଦ୍ୱାରା ଦୂର ହୋଇପାରିବ । ଅଜ୍ଞାନ କେବଳ ଜ୍ଞାନ ଦ୍ୱାରା ସମାପ୍ତ ହୋଇପାରିବ । ଆତ୍ମାର ବାସ୍ତବିକ ସ୍ୱରୂପ (ବ୍ରହ୍ମସ୍ୱରୂପ)ର ଜ୍ଞାନ ହିଁ ମୋକ୍ଷ । ଆତ୍ମା ଓ ବ୍ରହ୍ମଙ୍କ ଅଭିନ୍ନତାର ବୋଧକୁ ମୋକ୍ଷ କୁହାଯାଏ ।

ମୋକ୍ଷ ପ୍ରାପ୍ତି ଦ୍ୱାରା ସଂସାରରେ କୌଣସି ପରିବର୍ତ୍ତନ ହୁଏ ନାହିଁ, କିନ୍ତୁ ଜଗତ ପ୍ରତି, ସଂସାର ପ୍ରତି ଜୀବାତ୍ମାର ଦୃଷ୍ଟିକୋଣ ପରିବର୍ତ୍ତିତ ହୋଇଯାଏ । ବ୍ରହ୍ମଭାବ, ବ୍ରହ୍ମସ୍ୱରୂପରେ ଅବସ୍ଥିତ ହୋଇଗଲେ ଜଗତ ପ୍ରତି ଜୀବାତ୍ମାର ଦୃଷ୍ଟିକୋଣ ବଦଳିଯାଏ । ଜଗତକୁ ଦେଖିବାର ଦୃଷ୍ଟି ତା'ର ବଦଳିଯାଏ । କାରଣ ଏବେ ସେ ଜଗତକୁ ଆତ୍ମଦୃଷ୍ଟିରେ ଦେଖୁଥାଏ, ବ୍ରହ୍ମଦୃଷ୍ଟିରେ ଦେଖିଥାଏ ।

ସେ ଜଗତର ପ୍ରପଞ୍ଚ ଠାରୁ ଉର୍ଦ୍ଧ୍ୱରେ ରହି, ଅପ୍ରଭାବିତ ରହି ଜଗତକୁ ଦ୍ରଷ୍ଟା ଭାବରେ ଦେଖିଥାଏ, ବ୍ରହ୍ମ ଭାବରେ ଦେଖୁଥାଏ ଓ ତଦନୁରୂପ ଲୋକ ବ୍ୟବହାର କରିଥାଏ । ପ୍ରତ୍ୟେକ ସ୍ଥିତି, ପରିସ୍ଥିତିରେ ସମଭାବ, ସମତ୍ୱର ସ୍ଥିତିରେ ରହି ସୁଖ ଓ ଦୁଃଖର ଉର୍ଦ୍ଧ୍ୱରେ ସର୍ବଦା ଆନନ୍ଦରେ ରହିଥାଏ ।

ମୋକ୍ଷ ଅବସ୍ଥାରେ ଜୀବାତ୍ମାକୁ ନିଜ ବାସ୍ତବିକ ସ୍ୱରୂପର ଜ୍ଞାନ ହୋଇଯାଏ । ଏଣୁ ମୋକ୍ଷ କୌଣସି ନୂତନ ବସ୍ତୁର ପ୍ରାପ୍ତି ନୁହେଁ, ବରଂ ଯାହା ପୂର୍ବରୁ ଅଛି ତାହାର ପୁନପ୍ରାପ୍ତି ଅଟେ । ସେଥିପାଇଁ ଆଚାର୍ଯ୍ୟ ଶଙ୍କର ମୋକ୍ଷକୁ 'ପ୍ରାପ୍ତସ୍ୱ ପ୍ରାପ୍ତି' କହିଛନ୍ତି । ମୋକ୍ଷପ୍ରାପ୍ତିର ଅର୍ଥ କୌଣସି ନୂତନ ବସ୍ତୁର ପ୍ରାପ୍ତି ନୁହେଁ, ବରଂ ଯେଉଁ ବସ୍ତୁ ପ୍ରଥମରୁ ଅଛି ଏବଂ ଯାହାକୁ ଅଜ୍ଞାନ କାରଣରୁ ଜୀବାତ୍ମା କିଛି ସମୟ ପାଇଁ ଭୁଲିଯାଇଛି, ତାହାକୁ ହିଁ ପୁନଶ୍ଚ ପ୍ରାପ୍ତ କରିନେବା ।

ବୃହଦାରଣ୍ୟକ ଉପନିଷଦ୍‌ରେ ଏହି ପ୍ରସଙ୍ଗର ବ୍ୟାଖ୍ୟା ନିମନ୍ତେ ଜଣେ ରାଜକୁମାରର ଉଦାହରଣ ପ୍ରସ୍ତୁତ କରାଯାଇଛି, ପିଲାଦିନେ ଯାହାର ଲାଳନପାଳନ ସଂଯୋଗବଶତଃ ଜଣେ ଶିକାରୀ ଘରେ ହୋଇଥିଲା, କିନ୍ତୁ ପରେ ସେ ଜାଣିଗଲା ଯେ ବାସ୍ତବରେ ସେ ଏକ ରାଜକୁମାର । ସେହିପରି ବେଦାନ୍ତ ଦର୍ଶନରେ ଏହି ପ୍ରସଙ୍ଗର ବ୍ୟାଖ୍ୟା ଗୋଟିଏ ଉପମା ମାଧ୍ୟମରେ କରାଯାଇଛି । ତଦନୁସାର କୌଣସି ରମଣୀ ଯେପରି ନିଜ ଗଳାରେ ଝୁଲୁଥିବା ହାରକୁ ଏଣେତେଣେ ଖୋଜିଥାଏ, ସେହିପରି ମୁକ୍ତ ଆତ୍ମା ମୋକ୍ଷ ପାଇଁ ପ୍ରଯତ୍ନଶୀଳ ରହିଥାଏ ।

ଏଣୁ ମୋକ୍ଷ କୌଣସି ନୂତନ ବସ୍ତୁର ପ୍ରାପ୍ତିକୁ ନୁହେଁ, ବରଂ ଆତ୍ମାର ଯେଉଁ ନିଜ ସ୍ୱରୂପ ଅଛି ଓ ଯାହାକୁ ଆତ୍ମା ଭୁଲିଯାଇଛି, ତାହାକୁ ପୁନଶ୍ଚ ପ୍ରାପ୍ତ କରିନେବାକୁ କୁହାଯାଏ । ଏହାର ଅର୍ଥ ଆତ୍ମାର ନିଜର ବାସ୍ତବିକ ସ୍ୱରୂପକୁ ଚିହ୍ନିନେବା, ସେଥିରେ ସ୍ଥିତ ହୋଇଯିବା ।

ଆତ୍ମାକୁ ପୁଣି ତାହାର ନିଜ ସ୍ୱରୂପ, ବାସ୍ତବିକ ସ୍ୱରୂପର ବୋଧ ହେବ କିପରି ? ଏଥିପାଇଁ ଆଚାର୍ଯ୍ୟ ଶଙ୍କର ସାଧକମାନଙ୍କୁ 'ସାଧନ ଚତୁଷ୍ଟୟ'କୁ ଗ୍ରହଣ କରିବାର ପରାମର୍ଶ ଦେଇଛନ୍ତି । ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ବିବେକ ଚୂଡାମଣି (୧୮-୩୦)ରେ କହିଛନ୍ତି – ମନସ୍ୱୀମାନେ ଚାରିଟି ସାଧନ କଥା ବତାଇଛନ୍ତି । ସେଗୁଡିକୁ ଗ୍ରହଣ କରିନେଲେ ହିଁ ଜୀବାତ୍ମାର ନିଜର ବାସ୍ତବିକ ସ୍ୱରୂପରେ ସ୍ଥିତି ହୋଇପାରିବ । ସେଗୁଡିକ ବିନା ଏପରି ସ୍ଥିତି ସମ୍ଭବ ନୁହେଁ ।

'ନିତ୍ୟାନିତ୍ୟ ବସ୍ତୁ ବିବେକ' ହେଉଛି ପ୍ରଥମ ସାଧନ । ବ୍ରହ୍ମ ସତ୍ୟ ଓ ଜଗତ୍ ମିଥ୍ୟା, ଏପରି ସିଦ୍ଧାନ୍ତ କୁ 'ନିତ୍ୟାନିତ୍ୟ ବସ୍ତୁ ବିବେକ' କୁହାଯାଏ । ନିତ୍ୟ ଓ ଅନିତ୍ୟ ବସ୍ତୁଗୁଡିକ ମଧ୍ୟରେ ଭେଦ କରିବାର ବିବେକ ସାଧକଠାରେ ରହିବା ଉଚିତ । ଦ୍ୱିତୀୟ ସାଧନ ହେଲା– 'ଲୌକିକ ଓ ପାରଲୌକିକ ସୁଖ ଭୋଗ ପ୍ରତି ବୈରାଗ୍ୟ' ରହିବା । ଦେହରୁ ନେଇ ବ୍ରହ୍ମଲୋକ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅନିତ୍ୟ ଭୋଗ ପଦାର୍ଥଗୁଡିକ ପ୍ରତି ଥିବା ଘୃଣାବୁଦ୍ଧି ହିଁ ବୈରାଗ୍ୟ ।

ତୃତୀୟ ସାଧନ ଅନ୍ତର୍ଗତ ଶମ, ଦମ, ଉପରତି, ତିତିକ୍ଷା, ଶ୍ରଦ୍ଧା, ସମାଧାନ ଆଦି ଛଅଟି ସମ୍ପତ୍ତି ଆସିଥାଏ । 'ଶମ'ର ଅର୍ଥ– 'ମନର ସଂଯମ' । ବାରମ୍ବାର ଦୋଷଦୃଷ୍ଟି କରିବା ଦ୍ୱାରା ବିଷୟ ସମୂହ ପ୍ରତି ବିରକ୍ତ ହୋଇ ଚିତ୍ତର ନିଜ ଲକ୍ଷ୍ୟରେ ସ୍ଥିର ହୋଇଯିବାକୁ 'ଶମ' କୁହାଯାଏ । 'ଦମ'ର ତାତ୍ପର୍ଯ୍ୟ– 'ଇନ୍ଦ୍ରିୟଗୁଡିକର ନିୟନ୍ତ୍ରଣ ।' କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ଗୁଡ଼ିକୁ ସେମାନଙ୍କ ବିଷୟଗୁଡିକରୁ ଟାଣି ଆଣି ନିଜ ଗୋଲକରେ (କେନ୍ଦ୍ରରେ) ସ୍ଥିତ କରିବାକୁ 'ଦମ' ହୋଇଥାଏ ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

## ଆଜିର ଚିନ୍ତନ

ଜୟ ଓ ବିଜୟ ବିଧାତାଙ୍କର ସବୁଠାରୁ ନିକଟବର୍ତ୍ତୀ ପାରିଷଦ ଥିଲେ । ଥରେ ବିଧାତା ସେ ଦୁହିଁଙ୍କୁ ପୃଥିବୀ ପୃଷ୍ଠକୁ ପଠାଇଲେ ଏବଂ ସେମାନଙ୍କୁ ଆଦେଶ ଦେଇ କହିଲେ– 'ପୃଥିବୀ ଉପରେ ସ୍ୱର୍ଗର ପ୍ରକୃତ ଅଧିକାରୀ କିଏ ଅଛି, ତା'ର ଅନୁସନ୍ଧାନ କର ।' ଜୟ ଓ ବିଜୟ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଲେ ଏବଂ ବେଶ ବଦଳାଇ ସାରା ପୃଥିବୀର ପରିଭ୍ରମଣ କଲେ ।

ସ୍ୱର୍ଗପ୍ରାପ୍ତି ନିମନ୍ତେ ଲୋକେ ଭଳିକି ଭଳି କର୍ମକାଣ୍ଡରେ ଲୀନ ଥିବାର ସେମାନେ ଦେଖିଲେ । ଦିନେ ସେମାନେ ଭ୍ରମଣ କରି କରି ଗୋଟିଏ ଗାଁରେ ପହଞ୍ଚିଲେ । ସେଠାରେ ରାତିରେ ଜଣେ ଅନ୍ଧ ବ୍ୟକ୍ତି ନିଜ ପାଖରେ ଏକ ଦୀପ ରଖି ବସିଥିବାର ଦେଖିଲେ । ଜୟ-ବିଜୟ ତା' ପାଖରେ ପହଞ୍ଚି ତାକୁ ପଚାରିଲେ – 'କ'ଣ ବାବା ? ତୁମକୁ ତ ଦେଖାଯାଉ ନାହିଁ, ପୁଣି ଏ ଦୀପଟି କାହା ପାଇଁ ଜଳାଇଛ ?

ସେହି ବ୍ୟକ୍ତି ଉତ୍ତର ଦେଲା- 'ଶ୍ରୀମାନ ! ମୁଁ ଦେଖି ନ ପାରିଲେ କ'ଣ ହେଲା, ଯେଉଁମାନେ ଦେଖି ପାରୁଛନ୍ତି ସେମାନେ ତ ଏହାର ପ୍ରକାଶ ଦ୍ୱାରା ସଠିକ ମାର୍ଗର ଅନୁସରଣ କରି ପାରିବେ ।' ଜୟ-ବିଜୟ ପୁଣି ପଚାରିଲେ– 'ତୁମେ କ'ଣ କୌଣସି ଉପାସନା କରୁ ନାହଁ ? ତୁମେ ସ୍ୱର୍ଗକୁ ଯିବ ନାହିଁ ?

ଅନ୍ଧ ଉତ୍ତର ଦେଲା- 'ଉପାସନା କ'ଣ, ସ୍ୱର୍ଗ କାହାକୁ କହନ୍ତି ମୋତେ ଜଣା ନାହିଁ । ମୁଁ ତ କେବଳ ବାଟୋଇମାନେ ବାଟବଣା ନ ହେବା ପାଇଁ ସେମାନଙ୍କୁ ମାର୍ଗ ଦେଖାଇବାର କାମ କରୁଛି । ଏହା ବ୍ୟତୀତ ଅନ୍ୟ କୌଣସି ପୂଜା-ଉପାସନା ସହ ମୁଁ ପରିଚିତ ନୁହେଁ ।' ଜୟ-ବିଜୟ ଫେରି ଆସି ବିଧାତାଙ୍କୁ ସମସ୍ତ ବିବରଣ ଶୁଣାଇଲେ । ସବୁ ଶୁଣିବା ପରେ ବିଧାତା କହିଲେ– 'ଆଉ କେହି ଥାଉ କି ନ ଥାଉ, କିନ୍ତୁ ଏଇ ଦୃଷ୍ଟିହୀନ ବ୍ୟକ୍ତି ନିଶ୍ଚିତ ରୂପେ ସ୍ୱର୍ଗର ଅଧିକାରୀ । ଈଶ୍ୱରଙ୍କ ନାଁ ନେବା ଅପେକ୍ଷା, ତାଙ୍କ ବ୍ୟବସ୍ଥାରେ ସହଯୋଗ କରିବାର ପୁଣ୍ୟ ଅଧିକ ।

ବର୍ଷ ୨୮, ସଂଖ୍ୟା - ୩୫, ୧ - ୭ ସେପ୍ଟେମ୍ବର ୨୦୨୪

# ପ୍ରଗତିଶୀଳ ପରମ୍ପରା ଗ୍ରହଣ କରନ୍ତୁ

ପ୍ରଗତିଶୀଳତା ଜୀବନର ଲକ୍ଷଣ ଏବଂ ଜଡ଼ତା ମୃତ୍ୟୁର ଲକ୍ଷଣ । ଯେଉଁ ରାଷ୍ଟ୍ର ବା ସମାଜ ପ୍ରଗତିଶୀଳତାକୁ ଅଙ୍ଗୀକାର କରିନିଏ, ନିଜ ଆଚାର-ବିଚାରରେ ତାକୁ କ୍ରିୟାନ୍ୱିତ କରେ, ସେ ସଂସାରରେ ଅଗ୍ରଣୀ ହୋଇ ରହେ । ଅନ୍ୟ ସମାଜ ଓ ରାଷ୍ଟ୍ର ଉପରେ ତା'ର ପ୍ରଭାବ ରହେ । ଏଭଳି ପ୍ରଭାବଶାଳୀ ରାଷ୍ଟ୍ର ବା ସମାଜର ବ୍ୟକ୍ତି ସଂସାରର ଯେଉଁ କୋଣକୁ ଗଲେ ମଧ ସେଠାରେ ତାଙ୍କୁ ସମ୍ମାନ ମିଳେ । ପ୍ରଗତିଶୀଳ ରାଷ୍ଟ୍ରର ସଭ୍ୟତା-ସଂସ୍କୃତି ହିଁ ସଂସାରରେ ବିସ୍ତାର ଲାଭ କରେ ଏବଂ ଇତିହାସରୁ ଆରମ୍ଭ କରି ଧରିତ୍ରୀ ବୁକୁରେ ଅନନ୍ତ କାଳ ପର୍ଯ୍ୟନ୍ତ ଅଲିଭା ଛାପ ପକାଏ ।

ସଂସାରର ପ୍ରାୟ ସମସ୍ତ ସମାଜ ଓ ରାଷ୍ଟ୍ର ଶାଶ୍ୱତ ଆୟୁ ପ୍ରାପ୍ତ କରିବା ତଥା ସଂସାରରେ ନିଜ ସଭ୍ୟତା-ସଂସ୍କୃତିର ପ୍ରସାର କରିବାକୁ ଚାହିଁଥାନ୍ତି, କିନ୍ତୁ ଏହି ସୌଭାଗ୍ୟ କ୍ୱଚିତ୍‌କୁ ହିଁ ପ୍ରାପ୍ତ ହୁଏ । ଏଭଳି ସୌଭାଗ୍ୟ କେବଳ ପ୍ରଗତିଶୀଳ ସମାଜ ବା ରାଷ୍ଟ୍ର ହିଁ ପ୍ରାପ୍ତ କରିଥାନ୍ତି । ଥରେ ଯଦି ସଂସାରର ସମସ୍ତ ରାଷ୍ଟ୍ର ଓ ସମାଜ ସମାନ ରୂପରେ ପ୍ରଗତିଶୀଳ ହୋଇଯାଆନ୍ତେ, ତେବେ ସମାଜରୁ ଶୋଷଣ, ଉପୀଡ଼ନ, ଗୋଲାମି ଆଦି ଦୋଷ ଦୂର ହୋଇଯାଆନ୍ତା । କିନ୍ତୁ ବିଡ଼ମ୍ବନା ଯେ, ଏକ ସମୟରେ କେବଳ କିଛିଟା ରାଷ୍ଟ୍ର ବା ସମାଜ ହିଁ ପ୍ରଗତିଶୀଳ ହୋଇପାରିଥାନ୍ତି, ବାକି ସବୁ ନିଜର ସଂକୀର୍ଣ୍ଣ ପୁରାତନ ପରମ୍ପରାର ଶୃଙ୍ଖଳରେ ବାନ୍ଧି ହୋଇ ଯଥାସ୍ଥାନରେ ପଡ଼ି ରହିଥାନ୍ତି ଯାହାର ଫଳ ଏହା ହୁଏ ଯେ, ସେହି ପ୍ରଗତିଶୀଳ ରାଷ୍ଟ୍ର ବା ସମାଜ ବାକି ସଂସାରରେ ପ୍ରଭୁତା ସ୍ଥାପିତ କରିନିଅନ୍ତି ଏବଂ ସେମାନଙ୍କର ମନଇଚ୍ଛା ଶୋଷଣ କରିବାରେ ଲାଗିଥାନ୍ତି । ଏଭଳି ସ୍ଥିତିରେ ଶୋକ ସନ୍ତାପ ବଢ଼ିଯିବା କାରଣରୁ ସଂସାର ଏକ ପ୍ରକାରର ଜଳନ୍ତା ନର୍କକୁଣ୍ଡପରି ହୋଇଯାଏ ।

ପ୍ରଗତିଶୀଳ ହେବାକୁ ହେଲେ ଏହାର ସମୁଚିତ ଅର୍ଥ ବୁଝିନେବା ଦରକାର । କାରଣ ଆଜି ପ୍ରଗତିଶୀଳତା ନାମରେ ଅନେକ ଅନୁଚିତ ପ୍ରବୃତ୍ତିକୁ ପ୍ରଶ୍ରୟ ଦିଆଯାଉଛି । ଆଜି ଲୋକେ ଆଦର୍ଶବାଦକୁ ଛାଡ଼ି ଭୋଗବାଦ ଏବଂ ସରଳତା-ସୌମ୍ୟତାକୁ ଛାଡ଼ି ପ୍ରଦର୍ଶନବାଦକୁ ହିଁ ପ୍ରଗତିଶୀଳତା ଭାବୁଛନ୍ତି । ମନଇଚ୍ଛା ଜୀବନ ଜୀଇଁବା ଏବଂ ଛୋଟ ଛୋଟ ସାମାଜିକ ଅନୁଶାସନକୁ ନ ମାନିବା ମଧ ପ୍ରଗତିଶୀଳତାର ଲକ୍ଷଣ ବୋଲି ଲୋକେ ଭାବିବାରେ ଲାଗିଛନ୍ତି, ଯଦ୍ୟପି ଏହା ପ୍ରଗତିଶୀଳତା ନୁହେଁ, ଉଚ୍ଛୃଙ୍ଖଳତା ଅଟେ ।

ବାସ୍ତବିକ ପ୍ରଗତିଶୀଳତା ସେହି କ୍ରିୟାଶୀଳ ବିବେକ ବୁଦ୍ଧିକୁ କହନ୍ତି ଯାହା ମଣିଷକୁ ଦୂରଦର୍ଶୀ ହେବା ଏବଂ ତା'ର ଅନୁକୂଳ ଉନ୍ନତିର ପଥରେ ଅଗ୍ରସର ହେବାର ପ୍ରେରଣା ଓ ଶକ୍ତି-ସାମର୍ଥ୍ୟ ପ୍ରଦାନ କରେ । ଯେଉଁ ମଣିଷକୁ ତା'ର ପ୍ରତ୍ୟେକ ବ୍ୟବହାରରେ ଉଚିତ-ଅନୁଚିତର ଧ୍ୟାନ ରହେ, ଯିଏ ଏହି କଥାପ୍ରତି ସଚେତ ଥାଏ ଯେ, ସେ କ'ଣ କରିବାକୁ ଚାହୁଁଛି, କ'ଣ କରୁଛି, କାହିଁକି କରୁଛି ଓ ସେଥିର ଲାଭ କ'ଣ ? ସେ ପ୍ରକୃତରେ ପ୍ରଗତିଶୀଳ । ଯାହାର ବ୍ୟବହାର କଲାବେଳେ ଭଲ-ମନ୍ଦ, ହାନି-ଲାଭର ଜ୍ଞାନ ରହେନାହିଁ, କେବଳ ସ୍ୱଭାବବଶତଃ ଅଥବା ଅନ୍ୟମାନଙ୍କୁ ଦେଖିକରି କିମ୍ବା କେବଳ ପରମ୍ପରା ପାଳନ କରିଚାଲେ, ସେ ପ୍ରଗତିଶୀଳ ନୁହେଁ, ତାକୁ ମାତ୍ର ଜଡ଼ ମଣିଷ କୁହାଯିବ ।

ଆଜି ଭାରତୀୟ ସମାଜ ଏହି ଦୃଷ୍ଟିରୁ ଏକପ୍ରକାରେ ଜଡ଼ପରି ହୋଇଯାଇଛି । ତା'ର ବୌଦ୍ଧିକ କ୍ଷମତା ସଂକୁଚିତ ହୋଇଯାଇଛି । ତା'ର ସେହି ସ୍ୱତନ୍ତ୍ର ଚିନ୍ତନ ଧୂମିଳ ହୋଇଯାଇଛି ଯାହା ବଳରେ ସେ ଆଜିର ବାସ୍ତବିକ ଆବଶ୍ୟକତାକୁ ବୁଝିପାରିଥାନ୍ତା ଏବଂ ତାକୁ ପୂରଣ କରିବାର ପ୍ରଯତ୍ନ କରିଥାନ୍ତା । ଶହ ଶହ ବର୍ଷଧରି ସେ ଯେଉଁ ଦୁର୍ଗତିର ଗଭୀର ଗର୍ତ୍ତରେ ପଡ଼ି ସଡୁଥିଲା, ଆଜିମଧ ସେ ସେହିଠାରେ ପଡ଼ି ରହିବାରେ ସୁଖ ଅନୁଭବ କରୁଛି । ଆଜି ମଧ ଲୋକଙ୍କଠାରେ ଜୀବନକୁ ଉତ୍ତମ ପ୍ରକାରେ, ସୁବ୍ୟବସ୍ଥିତ ରୂପରେ ଜୀଇଁବାର ପରିପକ୍ୱ ଚେତନା ଦେଖାଯାଉନାହିଁ । ଲୋକେ କୌଣସି ପ୍ରକାରେ ଅସ୍ତବ୍ୟସ୍ତତା ସହିତ ବହୁମୂଲ୍ୟ ଜୀବନକୁ ଠେଲିପେଲି ଠିକଣାରେ ପହଞ୍ଚାଇ ଦେବାକୁ ହିଁ ଜୀବନର ଲକ୍ଷ୍ୟ ବୋଲି ଭାବୁଛନ୍ତି । ସେମାନେ ସଂସାରରେ ଆଗକୁ ବଢ଼ିବା, ଅନ୍ୟମାନଙ୍କ ପ୍ରଭାବରୁ ମୁକ୍ତ ହେବା, ନିଜଠାରେ ଉନ୍ନତି ଓ ବିକାଶର ପରିସ୍ଥିତି ଉତ୍ପନ୍ନ କରିବା ଏବଂ ଏପରି ଏକ ଆଦର୍ଶ ଜୀବନ ଜୀଇଁବା ଯାହା ଅନ୍ୟମାନଙ୍କପାଇଁ ଅନୁକରଣୀୟ ହେବ ଓ ତାଙ୍କୁ ବାସ୍ତବିକ ସୁଖ ଶାନ୍ତି ପ୍ରଦାନ କରିବ, ଏଭଳି ପ୍ରୟାସ କରୁଥିବାର ଦେଖାଯାଏ ନାହିଁ ।

ଯେପର୍ଯ୍ୟନ୍ତ ଭାରତୀୟ ସମାଜରେ ଏହି ଜଡ଼ତା ରହିବ, ସେ କୌଣସି କ୍ଷେତ୍ରରେ ଉନ୍ନତି କରିପାରିବ ନାହିଁ । ସ୍ୱତନ୍ତ୍ର ହୋଇଗଲେ ମଧ ଅନ୍ୟ ଲୋକେ ତା'ର ଏହି ଅପ୍ରଗତିଶୀଳତାର ଲାଭ ଉଠାଇ ନିଜ ପ୍ରଭାବରେ ରଖୁଥିବେ ଓ ତାକୁ ଡରାଇ ବିଭିନ୍ନ ପ୍ରକାରର କୂଟନୀତିଦ୍ୱାରା ତା'ର ଶୋଷଣ କରୁଥିବେ । କେବଳ ରାଜନୈତିକ ସ୍ୱତନ୍ତ୍ରତା ପ୍ରାପ୍ତ ହୋଇଗଲେ ସମାଜ ବା ରାଷ୍ଟ୍ରର ଉନ୍ନତି ହୋଇଯାଏ ନାହିଁ । ରାଜନୈତିକ ସ୍ୱତନ୍ତ୍ରତା ଉନ୍ନତି ଓ ବିକାଶ କରିବାର ଏକ ଅବସର ମାତ୍ର, ଯାହାର ଉପଯୋଗ କରି ଭାରତୀୟ ସମାଜକୁ ନିଜର ସଂୟୋଜନ ଅନୁରୂପେ ଉନ୍ନତି କରିବାକୁ ହେବ ।

ସଂସାରର ପ୍ରଗତିଶୀଳ ରାଷ୍ଟ୍ରମାନଙ୍କ ସମକକ୍ଷ ହେବା, ସେମାନଙ୍କଠାରୁ ସମସ୍ତରୀୟ ବ୍ୟବହାର ପାଇବା ଏବଂ ନିଜ ରାଷ୍ଟ୍ରୀୟ ସ୍ୱାଭିମାନକୁ ନିରାପଦ କରିବାକୁ ହେଲେ ଆମକୁ ନିଜର ବ୍ୟକ୍ତିଗତ ଓ ସାମାଜିକ ଦୁର୍ବଳତାକୁ ଦୂର କରିବାକୁ ହେବ ଏବଂ ନିଜଠାରେ ବାସ୍ତବିକ ପ୍ରଗତିଶୀଳତାର ଗୁଣ ଉତ୍ପନ୍ନ କରିବାକୁ ହେବ ।

ନିଜର ସ୍ୱତନ୍ତ୍ର ଚିନ୍ତନ ବିକଶିତ ନକଲେ ପ୍ରଗତିଶୀଳତା ପ୍ରାପ୍ତ ହୁଏନାହିଁ । କୌଣସି ପ୍ରଥା-ପରମ୍ପରାକୁ କେବଳ ଏଥିପାଇଁ ସ୍ୱୀକାର କରିନେବା ଯେ, ତାହା ପ୍ରାଚୀନ କାଳରୁ ଚାଲିଆସୁଛି ଅଥବା କୌଣସି ରୀତି-ନୀତିକୁ ମାତ୍ର ଆଧୁନିକତାର ପ୍ରଭାବରେ ପଡ଼ି ଗ୍ରହଣ କରିନେବା କୌଣସି ପ୍ରଗତିଶୀଳତା ନୁହେଁ । ପ୍ରଗତିଶୀଳତାର ଅର୍ଥ ହେଉଛି – ଆମେ କୌଣସି ରୀତି –ନୀତିକୁ ପ୍ରାଚୀନତା – ଅର୍ବାଚୀନତାର ଆଧାରରେ ଅଙ୍ଗୀକାର ନକରି ତା'ର ଉପଯୋଗିତାର ଆଧାରରେ ତାକୁ ଗ୍ରହଣ କରିବା । ଅନୁପଯୋଗୀ ପରମ୍ପରାକୁ ତ୍ୟାଗ କରିବା ଏବଂ ଉପଯୋଗୀ ଆଧୁନିକତାକୁ ସ୍ୱୀକାର କରିବାର ସାହସ ରଖିଥିବା ଲୋକଙ୍କୁ ହିଁ ପ୍ରଗତିଶୀଳ କୁହାଯିବ ।

ଆଜି ଭାରତୀୟ ସମାଜକୁ ଯଦି ଉନ୍ନତି କରିବାର ଅଛି, ଏକ ସବଳ-ସଶକ୍ତ ରାଷ୍ଟ୍ର ହୋଇ ଓ ଅନ୍ୟର ପ୍ରଭାବ ଓ ନିର୍ଭରତାରୁ ମୁକ୍ତ ହୋଇ ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ସ୍ଥାପିତ କରିବାର ଅଛି, ସଂସାରର ଅନ୍ୟ ଉନ୍ନତ ରାଷ୍ଟ୍ରଙ୍କ ସମକକ୍ଷ ନିଜର ସମ୍ମାନପୂର୍ଣ୍ଣ ସ୍ଥାନ ପ୍ରାପ୍ତ କରିବାର ଅଛି, ତେବେ ତାକୁ ପ୍ରଗତିଶୀଳ ହୋଇ ନିଜର ସମସ୍ତ ଅନ୍ଧ ପରମ୍ପରାଗୁଡ଼ିକୁ ଉପାଡ଼ି ଫିଙ୍ଗିବାକୁ ହେବ, ଅନୁପଯୋଗୀ ଓ ହାନିକାରକ ପ୍ରଥାଗୁଡ଼ିକୁ ତ୍ୟାଗ କରିବାକୁ ହେବ ତଥା ନିଜର ପ୍ରଗତି ପଥରେ ପାଷାଣପରି ପଥରୋଧ କରି ଠିଆ ହୋଇଥିବା କୁରୀତିଗୁଡ଼ିକୁ ପରିତ୍ୟାଗ ଦେବାକୁ ହେବ ।

ଆଜି କେବଳ ଅତୀତର ଗୌରବ ଗାଥା ଗାଇ ସନ୍ତୋଷ କରିନେବା ମାତ୍ରକେ କାମ ଚଳିବ ନାହିଁ । ଆମକୁ ସଂସାରର ପରିସ୍ଥିତିକୁ ଆଖି୍ ଖୋଲି ଦେଖିବାକୁ ହେବ ଏବଂ ବସ୍ତୁସ୍ଥିତିକୁ ସ୍ୱତନ୍ତ୍ର ବୁଦ୍ଧିରେ ବୁଝିବାକୁ ହେବ, ତେବେ ଆମଠାରେ ସେହି ଚେତନା ଜାଗ୍ରତ ହୋଇପାରିବ, ଯାହାର ପ୍ରକାଶରେ ଆମେ ନିଜର କର୍ତ୍ତବ୍ୟକୁ ଠିକ୍ ଭାବରେ ଦେଖିପାରିବା । ଯଦି ଆମକୁ ଅତୀତର ସାହାଯ୍ୟ ହିଁ ଆବଶ୍ୟକ, ତେବେ କେବଳ ନିକଟ ଅତୀତ ହିଁ ନୁହେଁ, ଆମ ଦେଶର ଆଦିମ ଅତୀତ ପର୍ଯ୍ୟନ୍ତ ଯାତ୍ରା କରିବାକୁ ହେବ ଏବଂ ସମାଜର ନବନିର୍ମାଣ ପାଇଁ ବୈଦିକ ଯୁଗର ସେହି ପରମ୍ପରା ଏବଂ ରୀତି- ନୀତିଗୁଡ଼ିକୁ ଆଣିବାକୁ ହେବ, ଯାହା ବର୍ତ୍ତମାନ ସମୟର ଆବଶ୍ୟକତାକୁ ପୂରଣ କରିପାରିବେ ଏବଂ ସମାଜ-ରାଷ୍ଟ୍ରର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉପଯୋଗୀ ହୋଇପାରିବେ ।

ଚାରି-ପାଞ୍ଚ ଶତାବ୍ଦୀ ଅଥବା ହଜାରେ,ଦୁଇ ହଜାର ବର୍ଷର ଅତୀତ କାଳକୁ ବର୍ତ୍ତମାନ ଅଥବା ଭବିଷ୍ୟତପାଇଁ ସାମାଜିକ ଆଧାର ବନାଇବା ଠିକ୍ ହେବ ନାହିଁ । କାରଣ ଏହି ଅବଧି ଭାରତର ଅନ୍ଧକାର ଯୁଗ ଅଟେ ଏବଂ ଏହି ସମୟରେ ଚାଲୁଥିବା ଶୁଦ୍ଧ ସାତ୍ତ୍ୱିକ ତଥା ଉପଯୋଗୀ ବୈଦିକ ରୀତି– ନୀତିମାନ ଆକ୍ରାନ୍ତାମାନଙ୍କର ଷଡ଼ଯନ୍ତ୍ର ଏବଂ ମତମତାନ୍ତରଗୁଡ଼ିକର ଦୂଷିତ ପ୍ରଭାବରେ ପଡ଼ି ବିକୃତ ହୋଇଯାଇଛି । ଆଜିସୁଦ୍ଧା ସେହି ବିକୃତ ପରମ୍ପରାରେ ଆମ ସମାଜ ଜବୁଡ଼ି ଧରିଛି ।

ଆଜି ଭାରତ ସ୍ୱାଧୀନ ହୋଇଗଲାଣି । ଯେଉଁପରି ପରାଧୀନତାର ଅନ୍ଧକାର ଯୁଗର ପରମ୍ପରା ଏବଂ ସାମାଜିକ ବିକୃତିକୁ ଆମେ ବିବଶ ହୋଇ ବହିଚାଲିଛୁ, ସେହିପରି ସେଗୁଡ଼ିକୁ ଆଜି ସ୍ୱାଧୀନତାର, ସ୍ୱତନ୍ତ୍ର ଚିନ୍ତନର ପ୍ରକାଶରେ ତ୍ୟାଗ କରିଦେବା ଉଚିତ । ଏଥିରେ ହିଁ ଦେଶର ଓ ଦେଶବାସୀଙ୍କର ଉନ୍ନତି, ପ୍ରଗତି ଓ ହିତ ନିହିତ ।

# ପୂର୍ବବର୍ତ୍ତୀ ସର୍ତ୍ତ

## ମହାତ୍ମା ଗାନ୍ଧୀ



କଦାପି କୌଣସି ହିଂସା ନଘଟିବାର ପୂର୍ଣ୍ଣ ନିଶ୍ଚିତତା ରହିଥିବ, ଯେଉଁମାନେ ଆଇନ ଅମାନ୍ୟରେ ଅଂଶ ଗ୍ରହଣ କରୁଛନ୍ତି, ସେମାନେ ତଥା ସାଧାରଣ ଜନତା କେହି ଆଦୌ କୌଣସି ହିଂସାଚରଣ କରିବେ ନାହିଁ ବୋଲି ଦୃଢ଼ ନିଶ୍ଚିତତା ରହିଥିବ, ଏହା ହିଁ ହେଉଛି ଯେ କୌଣସି ଆଇନ ଆମାନ୍ୟର ସର୍ବପ୍ରଥମ ଓ ଅପରିହାର୍ଯ୍ୟ ପୂର୍ବସର୍ତ୍ତ । ଯଦି କୌଣସି ହିଂସା ଘଟେ, ତେବେ ରାଷ୍ଟ୍ର ତରଫରୁ ଉତ୍ତେଜନା ଦିଆଯିବାରୁ ବା ଆଇନ ଅମାନ୍ୟ କାରୀମାନଙ୍କର ଶତ୍ରୁତା କରୁଥିବା ଅନ୍ୟ ସଂସ୍ଥାମାନେ ଉତ୍ସାହିତ କରିବାରୁ ଯେ ତାହା ଘଟିଲା, ସେପରି କୈଫିୟତ୍ ଦେବାକୁ ଉତ୍ତର ବୋଲି କୁହାଯିବ ନାହିଁ ।

ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯିବା ଉଚିତ ଯେ, ହିଂସାର କୌଣସି ବାତାବରଣରେ ଆଇନ ଅମାନ୍ୟ ଆନ୍ଦୋଳନର କଦାପି କୌଣସି ଅଗ୍ରଗତି ହେବ ନାହିଁ । ଏହାର ଏଭଳି ଅର୍ଥ ଆଦୌ ନୁହେଁ ଯେ, ସେତେବେଳେ ସତ୍ୟାଗ୍ରହୀ ପାଖରେ ରହିଥିବା ସମସ୍ତ ସାଧନ ନିଃଶେଷିତ ହୋଇ ଯାଇଥିବ । ସେତେବେଳେ ଆଇନ ଅମାନ୍ୟ ବ୍ୟତୀତ ଅନ୍ୟ କୌଣସି ଉପାୟ ବାହାର କରିବାକୁ ହେବ । ତାହା ହିଁ ସତ୍ୟାଗ୍ରହର ସୌନ୍ଦର୍ଯ୍ୟ । ଏହା ନିଜେ ଆସି ଜଣକ ପାଖରେ ପହଞ୍ଚେ, ଆମକୁ କଦାପି ତାହାକୁ ଖୋଜି ବାହାର କରିବାଲାଗି ଯିବାକୁ ପଡେ ନାହିଁ । ଖାସ୍ ସିଦ୍ଧାନ୍ତଟି ମଧରେ ହିଁ ତା'ର ସେହି ଗୁଣଟି ନିହିତ ହୋଇ ରହିଛି ।

ଏକ ଧର୍ମଯୁଦ୍ଧ, ଯେଉଁଥିରେ କି କୌଣସି କଥାକୁ ସତର୍କତାର ସହିତ ଗୁପ୍ତ ରଖିବାକୁ ପଡୁନଥିବ, ଚତୁରତା ଅଥବା ମିଥ୍ୟାର କୌଣସି ଅବକାଶ ନ ଥିବ, ତାହା ଆପେ ଆପେ ଆସି ପହଞ୍ଚି ଯାଉଥିବ ଏବଂ ଏକ ଧର୍ମସ୍ଥ ବ୍ୟକ୍ତି ତାହା ପାଇଁ ସଦା ପ୍ରସ୍ତୁତ ହୋଇ ରହିଥିବ ।

ଯେଉଁ ସଂଗ୍ରାମ ପାଇଁ ଆଗରୁ ଯୋଜନାଗୁଡିକୁ କରିବାକୁ ପଡିବ, ତାହାକୁ ଧର୍ମ ଉପରେ ଆଧାରିତ ଏକ ସଂଗ୍ରାମ ବୋଲି କୁହାଯିବ ନାହିଁ । ଏକ ଧର୍ମସମରରେ ସ୍ୱୟଂ ଭଗବାନ ହିଁ ଅଭିଯାନଗୁଡିକର ଯୋଜନା କରନ୍ତି ଓ ଯୁଦ୍ଧଗୁଡିକର ପରିଚାଳନା କରନ୍ତି ।

କେବଳ ଭଗବାନଙ୍କ ନାମରେ ହିଁ ଏକ ଧର୍ମଯୁଦ୍ଧ କରା ଯାଇପାରେ ଏବଂ କେବଳ ଯେତେବେଳେ ଜଣେ ସତ୍ୟାଗ୍ରହୀ ଆପଣାକୁ ନିତାନ୍ତ ଅସହାୟ ବୋଲି ଅନୁଭବ କରୁଥାଏ, ସତେ ଅବା ତା'ର ଶେଷ ଗୋଡ଼ଗୁଡିକ ବି ଛାଡି ଯାଉଥାଏ ଓ ସେ ଆପଣାର ଚାରିପାଖରେ କେବଳ ଘନ ଅନ୍ଧକାର ହିଁ ଦେଖୁଥାଏ, ସେତେବେଳେ ଯାଇ ଭଗବାନ ତାକୁ ଉଦ୍ଧାର କରିବା ପାଇଁ ଆସି ପହଞ୍ଚି ଯାଆନ୍ତି । ସତ୍ୟାଗ୍ରହ ପ୍ରୟୋଗର ସର୍ବପ୍ରଥମ ସୋପାନଗୁଡିକରେ ମୁଁ ଆବିଷ୍କାର କରିଥିଲି ଯେ, ତୁମେ ଯଦି ପ୍ରକୃତରେ ସତ୍ୟର ଅନୁସରଣ କରୁଥିବ, ତେବେ ନିଜର ପ୍ରତିପକ୍ଷ ଉପରେ ତୁମେ କଦାପି କୌଣସି ହିଂସାର ଆଶ୍ରୟ ନେଇ ପାରିବ ନାହିଁ, ଏବଂ ସେ ଅନ୍ୟ ପକ୍ଷରେ କେବଳ ଧୈର୍ଯ୍ୟ ଓ ସହାନୁଭୂତି ଦ୍ୱାରା ହିଁ ଆପଣାର ଭୁଲଟି ମଧରୁ ବାହାରକୁ ବାହାରି ଆସି ପାରିବ । କାରଣ, ଜଣେ ବ୍ୟକ୍ତିକୁ ଯାହା ସତ୍ୟ ବୋଲି ପ୍ରତୀତ ହେଉଛି, ତାହା ଅନ୍ୟ ଜଣେ ବ୍ୟକ୍ତିକୁ ହୁଏତ ଭୁଲ୍ ବୋଲି ମଧ ପ୍ରତୀତ ହେଉଥିବ । ଧୈର୍ଯ୍ୟର ଅର୍ଥ ହେଉଛି ନିଜେ କଷ୍ଟ ସହିବା । ତେଣୁ, ପ୍ରତିପକ୍ଷ ଉପରେ କଷ୍ଟ ସହନକୁ ଲଦିଦେଇ ନୁହେଁ, ମାତ୍ର ନିଜେ କଷ୍ଟର ବରଣ କରିନେଇ ହିଁ ସତ୍ୟର ପ୍ରତିଷ୍ଠା କରିବାକୁ ହେବ, ମାର୍ଗଟି କ୍ରମେ ମୋତେ ଏହିପରି ଅର୍ଥରେ ଦୃଷ୍ଟିଗୋଚର ହୋଇଥିଲା । ସତ୍ୟାଗ୍ରହ ଓ ତା'ର ଦୁଇ ଉପଶାଖା, ଅସହଯୋଗ ଏବଂ ଆଇନ୍ ଅମାନ୍ୟ ଏଗୁଡିକ କଷ୍ଟ ବରଣ କରି ନେବାର ସେହି ବିଧାନଟିର ହିଁ ଗୋଟିଏ ଗୋଟିଏ ଅନ୍ୟ ନାମ । ସତ୍ୟକୁ ଅହିଂସା ସହିତ ଯୁକ୍ତ କରି ରଖି ତୁମେ ସମଗ୍ର ପୃଥିବୀକୁ ନିଜର ଅଧୀନକୁ ଆଣିପାରିବ । ରାଜନୀତିକ ଅର୍ଥାତ୍ ଜାତୀୟ ଜୀବନରେ ସତ୍ୟ ଓ କୋମଳତାର ପ୍ରବେଶ ଘଟାଇବା- ସତ୍ୟାଗ୍ରହ କହିଲେ ମର୍ମତଃ ତାହା ହିଁ ବୁଝାଇବ । ସତ୍ୟାଗ୍ରହ ହେଉଛି ସମ୍ପୂର୍ଣ୍ଣ ଆତ୍ମବିଲୋପନ, ସର୍ବାଧିକ ଅପମାନର ବରଣ, ସର୍ବାଧିକ ଧୈର୍ଯ୍ୟ ଏବଂ ସଦା ଉଜ୍ଜ୍ୱଳ ବିଶ୍ୱାସ । ସତ୍ୟାଗ୍ରହ ହିଁ ସତ୍ୟାଗ୍ରହର ପୁରସ୍କାର । ସତ୍ୟାଗ୍ରହ କହିଲେ ସତ୍ୟର ହିଁ ଏକ ନିରନ୍ତର ଅନ୍ୱେଷଣକୁ ବୁଝାଏ ଏବଂ ସେଠାରେ ଉପନୀତ ହେବା ଲାଗି ଏକ ସଂକଳ୍ପକୁ ବୁଝାଏ । ଏହା ଏପରି ଗୋଟିଏ ଶକ୍ତି ଯାହାର ନୀରବରେ ଏବଂ ବାହାରକୁ ଦେଖିବାକୁ ଧୀର ଭାବରେ କାର୍ଯ୍ୟ କରୁଥାଏ । ବସ୍ତୁତଃ, ପୃଥିବୀରେ ଆଉ କୌଣସି ଶକ୍ତି ଏପରି ନାହିଁ, ଯାହାକି ଏଡ଼େ ପ୍ରତ୍ୟକ୍ଷଭାବରେ ଏବଂ ଏତେ ବେଶୀ ବେଗର ସହିତ କାର୍ଯ୍ୟ କରୁଥାଏ । 'ସତ୍ୟାଗ୍ରହ' ଶବ୍ଦଟିକୁ ଅନେକ ସମୟରେ ଏକାବେଳେକେ ହୁଗୁଳାଭାବରେ ବ୍ୟବହାର କରାଯାଇଥାଏ ଏବଂ ତା' ଭିତରେ ପ୍ରଚ୍ଛନ୍ନ ହିଂସାକୁ ମଧ ଆଚ୍ଛାଦିତ କରି ରଖା ଯାଇଥାଏ । ମାତ୍ର, ଏହି ଶବ୍ଦଟିର ରଚୟିତା ହିସାବରେ ମୋତେ ଏପରି କହିବାକୁ ଅନୁମତି ଦିଆ ଯାଇପାରେ ଯେ, ଏଥିରେ କୌଣସି ପ୍ରକାରର ହିଂସା ଲାଗି ଆଦୌ କୌଣସି ସ୍ଥାନ ନାହିଁ, ପ୍ରତ୍ୟକ୍ଷ ଅଥବା ପରୋକ୍ଷ, ପ୍ରଚ୍ଛନ୍ନ ଅଥବା ପ୍ରକଟ, ଭାବନା କଥା କିମ୍ବା କର୍ମସ୍ତରର କୌଣସି ହିଂସା ଲାଗି ସ୍ଥାନ ନାହିଁ । ଜଣେ ପ୍ରତିପକ୍ଷୀର ଅମଙ୍ଗଳ କାମନା କରିବା, ତା' ପ୍ରତି ବା ତା' ବିଷୟରେ କର୍କଶ ଶବ୍ଦ ପ୍ରୟୋଗ କରିବା ଓ ତା'ର ଅନିଷ୍ଟ କରିବାର ଅଭିପ୍ରାୟ ରଖି ଏସବୁ କରିବା- ଏସବୁ ସତ୍ୟାଗ୍ରହର କେବଳ ଖିଲାପ କରିଥାଏ । ସତ୍ୟାଗ୍ରହ ଅତ୍ୟନ୍ତ କୋମଳ, ଏହା ଆଦୌ କ୍ଷତବିକ୍ଷତ କରି ଦିଏ ନାହିଁ । ଏହା କଦାପି କୌଣସି କ୍ରୋଧ ଅଥବା ଅସୂୟାରୁ ଉତ୍ପନ୍ନ ହୋଇଥିବା ଉଚିତ ନୁହେଁ । ଏହା କୌଣସି ବାକ୍ୟୋପଦ୍ରବ କରେ ନାହିଁ, କଦାପି ଧୈର୍ଯ୍ୟ ହରାଏ ନାହିଁ, କଦାପି କୋଳାହଳ କରେ ନାହିଁ । ଏହା ଯାବତୀୟ ପ୍ରକାରର ବାଧବାଧକତାର ଠିକ୍ ବିପରୀତ । ହିଂସାର ଏକ ସମ୍ପୂର୍ଣ୍ଣ ବିକଳ୍ପରୂପେ ଏହାର କଳ୍ପନା କରାଯାଇଥିଲା ।

ଯାହାର ଅନ୍ତର ଦୃଢ଼ ଯିଏ ସନ୍ଦେହ କରେ ନାହିଁ ଅଥବା କାତର ହୋଇପଡେ ନାହିଁ, କେବଳ ସେଇ ସତ୍ୟାଗ୍ରହର ଯୁଦ୍ଧରେ ସାମିଲ ହୋଇ ପାରିବ । ସତ୍ୟାଗ୍ରହର ଆମକୁ ଜୀବନକୁ ବଞ୍ଚିବାର କଳା ଶିଖାଏ, ଜୀବନକୁ ଉତ୍ସର୍ଗ କରିବାର କଳା ମଧ ଶିଖାଇଥାଏ । ମର ଶରୀରମାନଙ୍କ ନିମନ୍ତେ ଜନ୍ମ ଓ ମୃତ୍ୟୁ ସର୍ବଦା ଅପରିହାର୍ଯ୍ୟ । ଅନ୍ତର ଭିତରେ ଥିବା ଆତ୍ମାର ଉପଲବ୍ଧି ହିଁ ମନୁଷ୍ୟକୁ ଯେ କୌଣସି ପଶୁଠାରୁ ଭିନ୍ନ ବୋଲି ପ୍ରତିପାଦିତ କରିଥାଏ ।

# ସ୍ୱର୍ବେଦ

**ଦ୍ୱିତୀୟ ଅଧ୍ୟାୟ**
**(ସହଜ ଯୋଗ)**

**ବ୍ରହ୍ମୱିଦ୍ୟା ପରକାଶ ମେଁ, ଚଲେ**
**ୟୋଗ ପର ୟୋଗ ।**
**ୟୋଗ ୟୋଗ ୟୋଗେ ଚଲା,**
**ୟୋଗହିଁ ୟୋଗ ୱିୟୋଗ ॥୦୧॥**

ଭାଷ୍ୟ - ଯେଉଁ ପ୍ରକାର ଆତ୍ମାର ଶକ୍ତି ପ୍ରକୃତି ପ୍ରଦେଶକୁ ପରିତ୍ୟାଗ କରି ଅଗ୍ରସର ହେବାରେ ଲାଗେ ଠିକ୍ ସେହିପରି ସେଥିରେ ଏକର ଯୋଗ ଆଉ ଅନ୍ୟ ଶକ୍ତିର ସମ୍ବନ୍ଧ ଏବଂ ଅର୍ଧ ଶକ୍ତିର ବିୟୋଗ, ଏପରି କ୍ରମ ଚାଲି ଉଚ୍ଚ ଲକ୍ଷ୍ୟକୁ ପ୍ରାପ୍ତ କରିଥାଏ । ଗୋଟିଏ ପଦାର୍ଥର ଯୋଗରେ ଅନ୍ୟ ପଦାର୍ଥର ବିୟୋଗ ହୋଇଯାଏ ଓ ପୂର୍ବର ପଦାର୍ଥ ନିଜର ଆକର୍ଷଣ ସମ୍ବନ୍ଧ ସ୍ଥାପନ କରେ । ସେଥିପାଇଁ ଯୋଗର ପାଞ୍ଚ ଭୂମି ବୋଲି କୁହାଯାଇଛି । ବ୍ରହ୍ମବିଦ୍ୟାର ପ୍ରକାଶରୁ ହିଁ ସମସ୍ତ ଯୋଗ ପ୍ରକଟ ହୋଇଛି । ଯୋଗ ସହିତ ଯୋଗର ସମ୍ବନ୍ଧ ହେବା ଫଳରେ ପୂର୍ଣ୍ଣତା ଆସିଥାଏ । ଯେଉଁଠି ଯୋଗ ଅଛି ସେଇଠି ବିୟୋଗ ଅଛି । ଏହିପରି ଭାବରେ ଯୋଗ କ୍ରମଶଃ ଆଗକୁ ସମ୍ବନ୍ଧ ବୃଦ୍ଧି କରିଚାଲେ । ଆତ୍ମା ପ୍ରକୃତି ମଣ୍ଡଳକୁ ଛାଡ଼ି ଚେତନ ମଣ୍ଡଳରେ ଯୋଗ ଦ୍ୱାରା ହିଁ ପହଞ୍ଚିଥାଏ । ସୁତରାଂ




ଯୋଗର ବିକାଶ କରିବା ସହିତ ଆତ୍ମାର ଉନ୍ନତି କରିବା ଉଚିତ ।

**ୟୋଗ ୟୋଗ ଜ୍ଞାତବ୍ୟ ହୈ,**
**ୟୋଗହିଁ ୟୋଗ ଅଧାର ।**
**ଚକ୍ର ବନ୍ଧ ଗତି ଉର୍ଦ୍ଧ୍ୱ କୋ, ୟୋଗ**
**ୟୋଗ ପୈଠାର ॥୦୨॥**

ଭାଷ୍ୟ - ଯୋଗ ସହ ଯୋଗର ସମ୍ବନ୍ଧ ସମ୍ପର୍କରେ ଜ୍ଞାନ ହେବା ଆବଶ୍ୟକ । ଯୋଗ ଦ୍ୱାରା ହିଁ ଯୋଗର ଆଧାର ପ୍ରାପ୍ତ ହୋଇଥାଏ । ଜଡ଼ ଏବଂ ଚେତନ ଉଭୟ ଅବସ୍ଥାରେ ଯୋଗ ରହିଛି । ଏ ସମସ୍ତ ଶକ୍ତିକୁ ଯୋଗ ଦ୍ୱାରା ମୂଳାଧାରରେ ପହଞ୍ଚାଇବାର କ୍ରିୟାକୁ ଯୋଗ କହନ୍ତି । ଚକ୍ରଗୁଡ଼ିକର ମୁଦ୍ରିତ ଅର୍ଦ୍ଧଗତି ଯେତେବେଳେ ଯୋଗ ଦ୍ୱାରା ଉର୍ଦ୍ଧ୍ୱକୁ କ୍ରମଶଃ ପ୍ରବେଶ କରିବାରେ ସେତେବେଳେ ଆତ୍ମାର ବାସ୍ତବିକ ଉନ୍ନତି ହୁଏ । ଯୋଗ ଦ୍ୱାରା ଆତ୍ମାର ପ୍ରକୃତି ପ୍ରଦେଶରେ ବିଛାଡ଼ି ହୋଇ ପଡ଼ିଥିବା ଶକ୍ତିକୁ ସଂଚୟ କରି ଯୋଗ ବିଜ୍ଞାନ ଦ୍ୱାରା ତାହାର ଉର୍ଦ୍ଧ୍ୱ ପ୍ରବେଶ ହୋଇଥାଏ ।

**ୟୋଗୀ ୟୋଗ ୱିଧାନ ସେ, ଅଷ୍ଟ**
**ଚକ୍ର ଫହରାୟ ।**
**ସନ୍ଧି ଗ୍ରନ୍ଥି ପରିଚୟ ଭଈ, ୟୋଗହିଁ**
**ୟୋଗ ସମାୟ ॥୦୩॥**

ଭାଷ୍ୟ - ବିହଙ୍ଗମ ଯୋଗୀ ସହଜ ଯୋଗ ବିଧାନରେ ଅଷ୍ଟଚକ୍ରକୁ ଉଡ଼ାଇ ଦିଏ ଅର୍ଥାତ୍ ପ୍ରଫୁଲ୍ଲିତ କରେ ଆଉ ସନ୍ଧି ଏବଂ ଗ୍ରନ୍ଥିର ପରିଚୟ କରାଇ ଯୋଗ ଦ୍ୱାରା ଯୋଗର ବିଶେଷ ସ୍ଥାନରେ ଯାଇ ପ୍ରବେଶ କରେ । ସନ୍ଧି, ସମ୍ବନ୍ଧକୁ ଆଉ ଗ୍ରନ୍ଥି ଗଣ୍ଠିକୁ କହନ୍ତି । ଚେତନ ସମ୍ବନ୍ଧ ହେବା ପରେ ସମସ୍ତ ଜଡ଼ ଗ୍ରନ୍ଥି ଖୋଲିଯାଏ ଆଉ ଆତ୍ମା ସ୍ୱଚ୍ଛନ୍ଦ ହୋଇ ପବିତ୍ର ପରମାନନ୍ଦକୁ ଆସ୍ୱାଦନ କରେ ।

**ୟୋଗ ସେ ବାଁଧ ପତାଲ କୋ,**
**ଉଲଟା ଫେର ଅକାଶ ।**
**ୟହ ରହସ୍ୟ ଗତି ୟୋଗ କୀ,**
**ୟୋଗ ହିଁ ୟୋଗ ୱିକାଶ ॥୦୪॥**

ଭାଷ୍ୟ - ଯୋଗ ବିଜ୍ଞାନ ଦ୍ୱାରା ଆତ୍ମାର ପ୍ରକୃତି ପ୍ରଦେଶରେ ପଡ଼ିଥିବା ଅର୍ଦ୍ଧଶକ୍ତିକୁ ଓଲଟା କରି ଚିଦାକାଶରେ ପ୍ରବେଶ କରନ୍ତୁ । ଏହା ବ୍ରହ୍ମବିଦ୍ୟାର ଗୋପନୀୟ ଜ୍ଞାନ ଅଟେ । ଯୋଗ ଦ୍ୱାରା ଅଧଃଶକ୍ତିକୁ ଉର୍ଦ୍ଧ୍ୱ କରି ଆତ୍ମା ଚେତନ ପ୍ରଦେଶରେ ପହଞ୍ଚିଯାଏ । ଏଠାରେ ଯୋଗ ଦ୍ୱାରା ଯୋଗ ଅର୍ଥାତ୍ ଆତ୍ମା ଆଉ ପରଂବ୍ରହ୍ମଙ୍କର ସମ୍ବନ୍ଧ ହୋଇଥାଏ । ଏହାକୁ ଯୋଗର ବିକାଶ କହନ୍ତି ।

**ମନ ୱ ପୱନ କୋ ବାଁଧି କେ,**
**କାରଣ କୀନ ୱିଲୀନ ।**
**ୟହ ମହିମା ହୈ ୟୋଗ କୀ,**
**ସଦ୍‌ଗୁରୁ ଶରଣ ଅଧୀନ ॥୦୫॥**

ଭାଷ୍ୟ - ଯୋଗ ଦ୍ୱାରା ମନ ଓ ପବନକୁ ଧରି ତାହାର ମୂଳ କାରଣରେ ଲୟ ଲଗାନ୍ତୁ । ସଦ୍‌ଗୁରୁ ଶରଣାଗତ ଭକ୍ତ ହିଁ ଯୋଗର ଏହି ଗୁପ୍ତ ରହସ୍ୟର ମହତ୍ୱକୁ ଜାଣନ୍ତି ।

**ଅର୍ଧ କୀ ଧାରା ଉର୍ଦ୍ଧ୍ୱ ମେଁ, ସଦା**
**ରହେ ପରୱାହ ।**
**ତିନ ପଚୀଶ ଅରୁ ପାଁଚ କୋ,**
**ପକଡ଼ି ଲଗାୱେ ୱାହ ॥୦୬॥**

ଭାଷ୍ୟ - ତ୍ରିଗୁଣ, ପଚିଶ ପ୍ରକୃତି ଓ ପଞ୍ଚ ତତ୍ତ୍ୱକୁ ସ୍ଥିର କରି ତାହାର ମୂଳ ତତ୍ତ୍ୱରେ ଲୟ କରି ଆତ୍ମାର ଅର୍ଦ୍ଧଶକ୍ତିକୁ ସମଗ୍ର ଦେହ ସଂଘାତରୁ ଟାଣି ସର୍ବଦା ଉର୍ଦ୍ଧ୍ୱକୁ ପ୍ରବାହିତ କରନ୍ତୁ । ଏହି ସାଧନ ରହସ୍ୟ ବିଷୟରେ ସଦ୍‌ଗୁରୁଙ୍କ ଠାରୁ ଜାଣିବା ଉଚିତ ।

## ଅଜ୍ଞାନରୁ ମୁକ୍ତି ...

(ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ବୃତ୍ତି(ଚିତ୍ତବୃତ୍ତି) ବାହ୍ୟ ବିଷୟ ଗୁଡିକର ଆଶ୍ରୟ ନ ନେବା ଉତ୍ତମ 'ଉପରତି' ଅଟେ । ଚିନ୍ତା ଓ ଶୋକ ରହିତ ହୋଇ କୌଣସି ପ୍ରତିକାର କରିବା ବିନା ସବୁ ପ୍ରକାର କଷ୍ଟକୁ ସହ୍ୟ କରିବାକୁ 'ତିତିକ୍ଷା' କହନ୍ତି । ଶାସ୍ତ୍ର ଓ ଗୁରୁବାକ୍ୟ ଗୁଡିକରେ ନିଷ୍ଠା ରହିଲେ ତାହା 'ଶ୍ରଦ୍ଧା' ବୋଲାଏ ।

ନିଜର ବୁଦ୍ଧିକୁ ସବୁ ପ୍ରକାରେ 'ବ୍ରହ୍ମ'ଙ୍କ ଠାରେ ହିଁ ସର୍ବଦା ସ୍ଥିର ରଖିବାକୁ 'ସମାଧାନ' କୁହାଯାଏ । ଚିତ୍ତର ଇଚ୍ଛାପୂର୍ତ୍ତିର ନାମ କଦାପି 'ସମାଧାନ' ନୁହେଁ । ଚିତ୍ତକୁ ବ୍ରହ୍ମଙ୍କ ଠାରେ ଲଗାଇ ରଖିବା, ଚିତ୍ତକୁ ବ୍ରହ୍ମଙ୍କ ଠାରେ ସ୍ଥିର ରଖିବା ହେଉଛି ବାସ୍ତବିକ 'ସମାଧାନ' । ଚତୁର୍ଥ ସାଧନ – 'ମୁମୁକ୍ଷୁତା' । ଅହଂକାରରୁ ନେଇ ଦେହ ପର୍ଯ୍ୟନ୍ତ ଯେତେ ଅଜ୍ଞାନ-କଳ୍ପିତ ବନ୍ଧନ ରହିଛି, ସେଗୁଡିକୁ ନିଜର ବାସ୍ତବିକ ସ୍ୱରୂପର ଜ୍ଞାନ ଦ୍ୱାରା ତ୍ୟାଗ କରିବାର ଇଚ୍ଛା 'ମୁମୁକ୍ଷୁତା' ଅଟେ । ମୋକ୍ଷ ପ୍ରାପ୍ତି ହେତୁ ସାଧକ ଦୃଢ ସଂକଳ୍ପିତ ହେବାକୁ ମୁମୁକ୍ଷୁତା କହନ୍ତି ।

ଯେତେବେଳେ ସାଧକ ସାଧନ ଚତୁଷ୍ଟୟର ପ୍ରକ୍ରିୟା ପୂରଣ କରିନିଏ, ଅର୍ଥାତ୍ ଯେତେବେଳେ ସେ ଉପରୋକ୍ତ ଚାରିଟି ସାଧନରେ ଯୁକ୍ତ ହୋଇଯାଏ, ସେତେବେଳେ ସେ ଏପରି କୌଣସି ଗୁରୁଙ୍କର ଶରଣ ପ୍ରାପ୍ତ କରିନେବା ଉଚିତ, ଯାହାଙ୍କୁ ବ୍ରହ୍ମଜ୍ଞାନର ଅନୁଭୂତି ଓ ଉପଲବ୍ଧି ହୋଇଥିବ ଏବଂ ସେହି ବ୍ରହ୍ମଜ୍ଞାନୀ ଗୁରୁଙ୍କ ସାହାଯ୍ୟରେ ତାକୁ ଶ୍ରବଣ, ମନନ ଓ ନିଦିଧ୍ୟାସନର ପ୍ରକ୍ରିୟା ପୂରଣ କରିବା ଉଚିତ । ଗୁରୁଙ୍କ ଉପଦେଶ ଶୁଣିବାକୁ 'ଶ୍ରବଣ' କହନ୍ତି । ଶାସ୍ତ୍ରରେ ବର୍ଣ୍ଣିତ ଆତ୍ମା ବିଷୟକ ଉପଦେଶଗୁଡିକୁ ଶୁଣିବା ଓ ସ୍ୱାଧ୍ୟାୟ କରିବା ହିଁ ଶ୍ରବଣ । ଗୁରୁଙ୍କ ଉପଦେଶଗୁଡିକ ଉପରେ ତାର୍କିକ ଦୃଷ୍ଟିରୁ ବିଚାର କରିବା ଏବଂ ତାହାକୁ ନିଜ ଆଚରଣରେ ଉତାରିବା, ତଦନୁସାର ଜୀବନଯାପନ କରିବାକୁ 'ମନନ' କହନ୍ତି ।

ସାଧକ ଶାସ୍ତ୍ରଗୁଡିକର ଆତ୍ମା ବିଷୟକ ଜ୍ଞାନ ଉପରେ ବିଚାର କରିବା ଉଚିତ ଏବଂ ସେହି ବିଚାରକୁ ସୁଦୃଢ କରିବା ଆବଶ୍ୟକ । ଏହା ହେଉଛି ମନନ । ଶ୍ରବଣ ଓ ମନନ ପରେ ସାଧକ 'ନିଦିଧ୍ୟାସନ' କରିବା ଦରକାର । ନିଦିଧ୍ୟାସନ ଅନ୍ତର୍ଗତ ଗୁରୁଙ୍କ ଦ୍ୱାରା ପ୍ରଦତ୍ତ ଇଷ୍ଟମନ୍ତ୍ରର ଜପ ଓ ଧାନ କରିବାକୁ ହୋଇଥାଏ । ଆତ୍ମାର ନିରନ୍ତର ଧାନ କରିବା 'ନିଦିଧ୍ୟାସନ' ଅଟେ । ଆତ୍ମାରେ ନିରନ୍ତର ବ୍ରହ୍ମଙ୍କ ଧାନ କରିବା ମଧ ନିଦିଧାସନ । ସତ୍ୟ ଉପରେ ନିରନ୍ତର ଦୃଷ୍ଟି ରଖିବା ବି ନିଦିଧାସନ । ନିଦିଧାସନ ବାସ୍ତବରେ ଧାନ ହୋଇଥାଏ ।

ଦୁଃଖର କାରଣ ଓ ମୋହ ରୂପ ଅନାତ୍ମ୍ ଚିନ୍ତନକୁ ଛାଡି ଆନନ୍ଦସ୍ୱରୂପ ଆତ୍ମା (ବ୍ରହ୍ମ)ର ଚିନ୍ତନ—ଧାନ କରିବା ହିଁ ନିଦିଧ୍ୟାସନ । ସାଧକମାନଙ୍କ ସକାଶେ ଧାନ ବିଧି ଉପରେ ଆଲୋକପାତ କରି ଆଚାର୍ଯ୍ୟ ଶଙ୍କର ବିବେକ ଚୂଡାମଣି (୩୭୯)ରେ କହିଛନ୍ତି– ଚିତ୍ତକୁ ନିଜର ଲକ୍ଷ୍ୟ ବ୍ରହ୍ମଙ୍କ ଠାରେ ଦୃଢତାପୂର୍ବକ ସ୍ଥିର କରି ବାହ୍ୟ ଇନ୍ଦ୍ରିୟମାନଙ୍କୁ ସେମାନଙ୍କର ବିଷୟଗୁଡିକରୁ ହଟାଇ ନିଜ ନିଜ ଗୋଲକରେ ସ୍ଥିର କର, ଶରୀରକୁ ନିଶ୍ଚଳ ରଖ ଓ ତାହାର ସ୍ଥିତି ପ୍ରତି ଧାନ ଦିଅ ନାହିଁ । ଚିତ୍ତକୁ ବ୍ରହ୍ମଙ୍କ ଠାରେ ସ୍ଥିର କରି ବ୍ରହ୍ମ ଓ ଆତ୍ମାର ଏକତା (ଅଭିନ୍ନତା, ଅଦ୍ୱୈତତା) କରି ତନ୍ମୟ ଭାବରେ ଅଖଣ୍ଡ ବୃତ୍ତି ଦ୍ୱାରା ଅହର୍ନିଶ ମନେ ମନେ ଆନନ୍ଦପୂର୍ବକ ବ୍ରହ୍ମାନନ୍ଦ ରସ ପାନ କର ।

ଶ୍ୱେତାଶ୍ୱତରୋପ ନିଷଦରେ କୁହାଯାଇଛି– ସେହି ଏକମାତ୍ର ପରବ୍ରହ୍ମ, ପରମେଶ୍ୱର ସମସ୍ତ ପ୍ରାଣୀଙ୍କ ହୃଦୟ ରୂପୀ ଗୁମ୍ଫାରେ ଲୁଚି ରହିଛନ୍ତି । ସେ ହେଉଛନ୍ତି ସର୍ବବ୍ୟାପୀ ଓ ସମସ୍ତ ପ୍ରାଣୀଙ୍କର ଅନ୍ତର୍ଯାମୀ ପରମାତ୍ମା । ସେ ସର୍ବସାକ୍ଷୀ, ସର୍ବଜ୍ଞ, ପରମଚେତନ ସ୍ୱରୂପ, ସର୍ବଥା ନିର୍ଲୋପ ଓ ପ୍ରକୃତିର ଗୁଣଗୁଡିକରୁ ଅତୀତ । ସେହି ହୃଦୟ ସ୍ଥିତ ପରବ୍ରହ୍ମ ପରମେଶ୍ୱରଙ୍କୁ ଯେଉଁ ଧୀରପୁରୁଷ ନିତ୍ୟ ନିରନ୍ତର ନିଜ ଆତ୍ମାରେ ଦେଖୁଥାଏ, ତାଙ୍କର ଧାନ କରି ଥାଏ, ନିରନ୍ତର ତାଙ୍କଠାରେ ତନ୍ମୟ ହୋଇଥାଏ, ତାକୁ ସର୍ବଦା ବିଦ୍ୟମାନ ପରମାନନ୍ଦ ପ୍ରାପ୍ତ ହୋଇଥାଏ ।

ଏଣୁ ନିଜର ହୃଦୟ ଗୁମ୍ଫାରେ ସ୍ଥିତ ଆତ୍ମାର ଏବଂ ଆତ୍ମାରେ ନିରନ୍ତର ପରମାତ୍ମାଙ୍କର ଧାନ କରିବା ହିଁ ନିଦିଧ୍ୟାସନ । ଏହିପରି ସାଧନ ଚତୁଷ୍ଟୟର ନିରନ୍ତର ଅଭ୍ୟାସ ଦ୍ୱାରା ଉତ୍ପନ୍ନ ପ୍ରଭାବରେ ସାଧକ ଶରୀର, ମନ ଓ ବୁଦ୍ଧି ଠାରୁ ଆତ୍ମାକୁ ଭିନ୍ନ ବୁଝିଥାଏ ।

ଶେଷରେ ଆତ୍ମା ଉପରେ ଚଢିଥିବା ଅବିଦ୍ୟା, ଅଜ୍ଞାନର ଆବରଣ ନଷ୍ଟ ହୋଇଯାଏ । ସାଧକ ଆତ୍ମଜ୍ଞାନ ପାଇଯାଏ । ସେ ନିଜର ବାସ୍ତବିକ ସ୍ୱରୂପକୁ ଜାଣିନିଏ । ଜୀବ ଓ ବ୍ରହ୍ମଙ୍କ ଭେଦ ଦୂର ହୋଇଯାଏ, ସେତେବେଳେ ସେ ବ୍ରହ୍ମଙ୍କର ସାକ୍ଷାତ୍‌କାର ପାଇଥାଏ ଏବଂ ସେ କହି ଉଠେ– 'ଅହଂ ବ୍ରହ୍ମାସ୍ମି' ଅର୍ଥାତ୍ ମୁଁ ହିଁ ବ୍ରହ୍ମ । ତାକୁ ଜୀବ ଓ ବ୍ରହ୍ମ, ଆତ୍ମା ଓ ବ୍ରହ୍ମଙ୍କ ଅଭିନ୍ନତାର ବୋଧ ହୋଇଥାଏ । ଜୀବ ବ୍ରହ୍ମଙ୍କ ମଧରେ ବିଲୀନ ହୋଇଯାଏ । ଏହା ହେଉଛି ମୋକ୍ଷ, ମୁକ୍ତି, କୈବଲ୍ୟ, ନିର୍ବାଣ, ସ୍ଥିତପ୍ରଜ୍ଞତା, ସ୍ୱରୂପସ୍ଥିତି, ସ୍ୱୋପଲବ୍ଧି, ଅପବର୍ଗ ।

ମୋକ୍ଷ ଉପଲବ୍ଧ ହୋଇଯିବା ପରେ ଜୀବନମୁକ୍ତ ସାଧକ ଏହି ସଂସାରକୁ ସ୍ୱପ୍ନ-ପ୍ରପଞ୍ଚ ସମାନ ଦେଖିଥାଏ । ସେ ଚିତ୍ତକୁ ପରବ୍ରହ୍ମଙ୍କ ମଧରେ ଲୀନ କରି, ବିକାର ଓ କ୍ରିୟାକୁ ତ୍ୟାଗ କରି ସର୍ବଦା ଆନନ୍ଦ ସ୍ୱରୂପ ବ୍ରହ୍ମଙ୍କ ଠାରେ ମଗ୍ନ ରହିଥାଏ । ସେ ନିରନ୍ତର ଆତ୍ମାନନ୍ଦର ଅନୁଭବ କରିଥାଏ । ସାଧନ ଚତୁଷ୍ଟୟ ବ୍ୟତୀତ ଭକ୍ତି ଯୋଗ, ମହର୍ଷି ପତଞ୍ଜଳିଙ୍କ ଦ୍ୱାରା ଯୋଗଦର୍ଶନରେ ବର୍ଣ୍ଣିତ ଅଷ୍ଟାଙ୍ଗ ଯୋଗ, କ୍ରିୟାଯୋଗ (ତପ, ସ୍ୱାଧ୍ୟାୟ, ଈଶ୍ୱର ପ୍ରଣିଧାନ), ଅଭ୍ୟାସ ଓ ବୈରାଗ୍ୟର ସାଧନା ଉପଲବ୍ଧି ଅବଶ୍ୟ ହୋଇପାରିବ । ଏଣୁ ନିଜର ରୁଚି ଅନୁସାର ଆମେ ଯେକୌଣସି ଯୋଗ ସାଧନାର ଅଭ୍ୟାସ କରିପାରିବା ।

## ଦୂର କରନ୍ତୁ ନିଦ୍ରାହୀନତା

ନିଦ୍ରାହୀନତା ଆଜିର ସମୟର ଏକ ସାଧାରଣ ସମସ୍ୟା । ଯୁବପିଢ଼ୀଙ୍କ ଠାରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳୁଛି । ପରିବର୍ତ୍ତିତ ଜୀବନଚର୍ଯ୍ୟା ଯୋଗୁଁ ନିଦ୍ରାହୀନତା ସମସ୍ୟା ଦେଖା ଦେଇଥାଏ । ଏହି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି ତେବେ କେତୋଟି ଉପାୟ ଆପଣାନ୍ତୁ ।

ନିୟମିତ ରୂପେ ବ୍ୟାୟାମ କରିବା ଦ୍ୱାରା ମଧ ନିଦ୍ରାହୀନତା ସମସ୍ୟା ଦୂର ହୋଇଥାଏ । ବ୍ୟାୟାମ କରିବା ଦ୍ୱାରା ଥକ୍କା ଲାଗେ । ଏହି ଥକ୍କାପଣ ଯୋଗୁଁ ରାତିରେ ଭଲ ନିଦ ଆସିଥାଏ ।

ଶୋଇବା ପୂର୍ବରୁ ଗୋଡ଼ ଏବଂ ହାତକୁ ଭଲ ଭାବରେ ଧୋଇ ଦିଅନ୍ତୁ । ଏହାପରେ ଗରମ ସୋରିଷ ତେଲ ତଳିପାଦ ଏବଂ ପାପୁଲିରେ ମାଲିସ୍ କରନ୍ତୁ । ଦେଖିବେ ନିୟମିତ ରୂପେ ଏପରି କରିବା ଦ୍ୱାରା ନିଦ ଭଲ ଆସିବା ସହ ପାଦ ଯନ୍ତ୍ରଣାରୁ ମୁକ୍ତି ମିଳିବ ।

ରାତିରେ ଶୋଇବା ପୂର୍ବରୁ ଗରମ କ୍ଷୀର ପିଇବା ଦ୍ୱାରା ନିଦ୍ରାହୀନତା ଦୂର ହୋଇଥାଏ । ଏଣୁ ଶୋଇବା ପୂର୍ବରୁ ଗରମ କ୍ଷୀରରେ ସାମାନ୍ୟ ହଳଦୀ ମିଶାଇ ପିଇବା ଦ୍ୱାରା ଭଲ ନିଦ ହୋଇଥାଏ ।

ମାନସିକ ଚାପ ସାଧାରଣତଃ ନିଦ୍ରାହୀନତାର ମୁଖ୍ୟ କାରଣ । ଅନେକ ଲୋକ ଏଥିପାଇଁ ରାତିରେ



ଭଲ ଭାବରେ ଶୋଇ ପାରନ୍ତି ନାହିଁ । ଏହି ପରିପ୍ରେକ୍ଷୀରେ ଆପଣ ନିଜ ପସନ୍ଦର ଗୀତ ଶୁଣିପାରିବେ କିମ୍ବା ବହି ପଢ଼ି ପାରିବେ । ଏପରି କରିବା ଦ୍ୱାରା ମାନସିକ ଶାନ୍ତି ମିଳେ ଏବଂ ନିଦ ଭଲ ଆସେ ।

## ଟିକିଏ ହସନ୍ତୁ

ପିଙ୍କୁ: ଆରେ ଟିଙ୍କୁ ଚାଲିଲୁ ଟିକେ ଶୀଘ୍ର ଡାକ୍ତରଙ୍କ ପାଖକୁ ଯିବା ।
ଟିଙ୍କୁ: କ'ଣ ହେଲା ତୋର ?
ପିଙ୍କୁ: ମୁଁ ଦୁର୍ବଳ ଅଛି । ଡାକ୍ତର ମତେ କହିଥିଲେ ଫଳ ଖାଇବାକୁ ତାହା ପୁଣି ଚୋପା ସହିତ ।
ଟିଙ୍କୁ: କ'ଣ ଭୁଲ୍ କହିଲେ ?
ପିଙ୍କୁ: ନାଇଁ ଯେ ମୁଁ ତାଙ୍କ ପରାମର୍ଶ ଅନୁସାରେ ନଡିଆ ଖାଇ ଦେଇଛି ।

× × × ×

ରାମୁର ସେ ଦିନ ସ୍କୁଲର ପ୍ରଥମ ଦିନ ଥିଲା । ତାକୁ କ୍ଲାସ୍ ଟିଚର ପଚାରିଲେ
କ୍ଲାସ୍ ଟିଚର: ତୁମ ନାଁ କ'ଣ ?
ରାମୁ: ସାର୍, ମୋ ନାଁ ରାମୁ ।
କ୍ଲାସ୍ ଟିଚର: ତୁମ ବାପାଙ୍କ ନାମ କ'ଣ ?
ରାମୁ: ସାର୍ ମୁଁ ଏବେ ମୋ ବାପାଙ୍କର କିଛି ନାମ ରଖିନି । ତାଙ୍କୁ କେବଳ ବାପା ବୋଲି ଡାକୁଛି ।

× × × ×



ଟପ୍‌ଲୁ: ଆରେ ଗପଲୁ ଏମିତି ଚୁପ୍‌ଚାପ ହୋଇ ବସିଛୁ କାହିଁକି ?
ଗପଲୁ: ମୁଁ ବଡ଼ ଚିନ୍ତାରେ ପଡିଛି ସାଙ୍ଗ ।
ଟପ୍‌ଲୁ: କ'ଣ ହେଲା ?
ଗପଲୁ: ମତେ ବାପ୍‌ଲୁ ଗୋଟିଏ ପ୍ରଶ୍ନ ପଚାରିଲା । କହିଲା, ତୋ ନାଁ ଯଦି ତୁ ହୁଏ ଆଉ ମୋ ନାଁ ମୁଁ ତାହାଲେ ବୋକା କିଏ ବୋଲି ପଚାରିଲେ ଉତ୍ତର କ'ଣ ଦେବୁ ?

× × × × ×

ଶିକ୍ଷକ: ସତ୍ୟ ଏବଂ ଭ୍ରମ ମଧରେ କ'ଣ ଫରକ ରହିଛି ?
ରାଜୁ: ସାର୍, ଆପଣ ଯାହା ପଢ଼ାଉଛନ୍ତି ଏହା ସତ୍ୟ ଏବଂ ଆମେ ଯେ ତାକୁ ଶୁଣୁଛୁ ଏହା ଆପଣଙ୍କ ଭ୍ରମ ।

× × × ×

ଥରେ ପପୁ ରାସ୍ତାରେ ଯାଉଥିବା ସମୟରେ ଚଢ଼େଇଟିଏ ତା' ମୁଣ୍ଡରେ ଗିଗି କରି ଉଡିଗଲା । ସେ ରୁମାଲରେ ତା' ମୁଣ୍ଡକୁ ପୋଛି କହିଲା- ଭଗବାନଙ୍କୁ କୋଟି କୋଟି ଧନ୍ୟବାଦ ଯେ ସେ ଗାଈ ଏବଂ ମଇଁଷିକୁ ଉଡିବା ଶିଖାଇ ନାହାନ୍ତି ।

× × × × ×

ଭିକାରି: ମା, ଏହି ଗରିବକୁ କେକ୍ ଟିକେ ମିଳିବ କି ?
ମହିଳା: କାହିଁକି ରୁଟିରେ ତୋର କାମ ଚଳିବନି କି ?
ଭିକାରି: ନା ମା ଚଳିବ, ହେଲେ ଆଜି ମୋର ବାର୍ଥ ଡେ ଅଛି ତ ।

× × × × ×

ଡାକ୍ତର ରୋଗୀ ମଧରେ କଥାବାର୍ତ୍ତା ।
ରୋଗୀ: ଡାକ୍ତର ବାବୁ ମୋ କାନରେ ମଟର ଗଛ ଉଠିଛି ।
ଡାକ୍ତର: ଏହା ବଡ଼ ଆଶ୍ଚର୍ଯ୍ୟ କଥା ।
ରୋଗୀ: ହଁ ଆଜ୍ଞା, ଏହା ନିଶ୍ଚିତ ଆଶ୍ଚର୍ଯ୍ୟ କଥା, କାହିଁକି ନା ମୁଁ କାନରେ ଭେଣ୍ଡି ମଞ୍ଜି ପକାଇଥିଲି ।

## ବନ୍ଧାକୋବିର ଉପକାରିତା

ବନ୍ଧାକୋବି ଏକ କ୍ଷାରପ୍ରଧାନ ଶାଗ । ଏହି ପରିବାର ମୁଖ୍ୟ ହେଉଛି ପତ୍ର । ତେଣୁ କେହି କେହି ଏହାକୁ ପତ୍ରକୋବି ବୋଲି କହିଥାନ୍ତି । ଏହାର ପତ୍ରରେ ଭିଟାମିନ୍ 'ଏ' ଏବଂ ଖଣିଜଲବଣ ବହୁ ପରିମାଣରେ ଅଛି ।

ଏହା ବଳବୀର୍ଯ୍ୟ ବୃଦ୍ଧି କରେ । ବୁଦ୍ଧିକୁ ପ୍ରଖର କରେ ଓ ଆୟୁ ମଧ ବୃଦ୍ଧି କରେ । ସୁନିଦ୍ରା କରାଏ ।

ଯେଉଁମାନଙ୍କର ଗଣ୍ଠିବାତ, ଦାନ୍ତରୋଗ, ରକ୍ତହୀନତା ଆଦି ରୋଗ ଅଛି, କୋଷ ବୃଦ୍ଧି ହେଉଛି, ସେମାନେ ପ୍ରଚୁର ବନ୍ଧାକୋବି, ପୋଟଳ, ମୂଳା ଆଦି ଖାଇବା ଉଚିତ ।

ଯେଉଁମାନଙ୍କର କୋଷ୍ଠକାଠିନ୍ୟ ହେଉଛି ସେମାନେ ମଧ ଏହି ଶାଗ କଞ୍ଚା ସାଲାଡ ରୂପରେ ବ୍ୟବହାର କରିବା ଉଚିତ ।

ଯେଉଁମାନେ ଦୃଷ୍ଟିଶକ୍ତି ବଜାୟ ରଖିବାକୁ ଚାହାନ୍ତି ସେମାନେ ଏହି 'କ' ଖାଦ୍ୟ ପ୍ରାଣଯୁକ୍ତ ବନ୍ଧାକୋବି ନିୟମିତ ରୂପେ କିଛିଦିନ ଖାଇବା ଉଚିତ ।

ଆଖିର ବିଭିନ୍ନ ରୋଗକୁ ଦୂର କରିବା ପାଇଁ ବନ୍ଧାକୋବି, ପାଳଙ୍ଗ, ହିଡିମିଚିକା ଶାଗ, ଗାଜର, ଟମାଟୋ, ଅମୃତଭଣ୍ଡା, ଆଦି ପନିପରିବା ଅଧିକ ମାତ୍ରାରେ ବ୍ୟବହାର କରିବା ଆବଶ୍ୟକ ।

ବନ୍ଧାକୋବିରେ ପ୍ରଚୁର ମାତ୍ରାରେ ଫସଫରସ ଅଛି । ୧୦୦ ଗ୍ରାମ ବନ୍ଧାକୋବିରୁ ୪୪ ମିଲି ଗ୍ରାମ ଫସଫରସ ଆମକୁ ମିଳିଥାଏ । ତେଣୁ ମସ୍ତିଷ୍କର ବିକାଶରେ ଏହି ପତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଏଥିରେ ସୋଡିୟମ କ୍ଲୋରିନ୍, ପ୍ରଭୃତି ରହୁଥିବାରୁ ଏହା ଯାବତୀୟ ପେଟରୋଗର ମଧ ଅବ୍ୟର୍ଥ ଔଷଧ ।

ଏହାର କଞ୍ଚାପତ୍ରକୁ ଅନ୍ୟାନ୍ୟ ପଦାର୍ଥ ସହିତ ମିଶାଇ ସାଲାଡ୍ କରି ଖାଇଲେ ଝାଡା ବେଶ୍ ପରିଷ୍କାର ହୁଏ ।

ପତ୍ରର ରସ ପିଇଲେ ପେଟ ଘା'



ଭଲ ହୋଇଯାଏ ।

ଯେଉଁମାନଙ୍କର କୌଣସି କାରଣରୁ ହଜମଶକ୍ତି ଲାଗି ରହିଛି ସେମାନଙ୍କ ପାଇଁ ବନ୍ଧାକୋବି ଅତ୍ୟନ୍ତ ଉପାଦେୟ । ଏଥିରେ ଆବଶ୍ୟକୀୟ ଗନ୍ଧକ ରହୁଥିବାରୁ ଏହା କେଶ, ନଖର ଦୁର୍ବଳତା ଦୂର କରେ ।

ଏହା କେଶକୁ ବଢ଼ିବାରେ ଯେମିତି ସାହାଯ୍ୟ କରେ କେଶର ଅପରିପକ୍ୱତା ଦୂରକରି କେଶମୂଳକୁ ସେମିତି ସୁଦୃଢ଼ କରିଥାଏ ।

ଏଥିରେ ପ୍ରଚୁର କ୍ୟାଲସିୟମ ରହୁଥିବାରୁ ଏହା ଦାନ୍ତହାଡ଼କୁ ମଧ ମଜବୁତ କରେ । ଆଣ୍ଠୁ ଗଣ୍ଠିବାତ ଭଲ ହେବାରେ ସାହାଯ୍ୟ କରେ କେଶର ଅକାଳପକ୍ୱତା ଦୂରକରି କେଶମୂଳକୁ ସେମିତି ସୁଦୃଢ଼ କରିଥାଏ । ଏଥିରେ ପ୍ରଚୁର କ୍ୟାଲସିୟମ ରହୁଥିବାରୁ ଏହା ଦାନ୍ତହାଡ଼କୁ ମଧ ମଜବୁତ କରେ । ଆଣ୍ଠୁଗଣ୍ଠିବାତ ଭଲ ହେବାରେ ସାହାଯ୍ୟ କରେ । ଏଥିରେ ଥିବା କ୍ଷାରୀୟ ଲବଣ ଝାଡ଼ାରୁ ୟୁରିକ୍ ଏସିଡ଼କୁ ଦୂର କରିଥାଏ । ଅର୍ଦ୍ଧଧରା, ଗୋଡ଼ହାତ ଘୋଳାବିନ୍ଧାରେ ଏହାର କଞ୍ଚାରସ କିଛିଦିନ ଧରି ପାନ କଲେ ସବୁ ରୋଗ ସହଜରେ ନିବାରିତ ହୁଏ ।

## ଦେହକୁ ହିତ ପୋଟଳ

ପୋଟଳ ମଞ୍ଜି ରକ୍ତ ଶର୍କରା ଓ କୋଲେଷ୍ଟ୍ରଲ ସ୍ତରକୁ ପ୍ରାକୃତିକ ଉପାୟରେ ହ୍ରାସ କରେ । ଫଳରେ ରକ୍ତ ପ୍ରବାହ ସ୍ୱାଭାବିକ ରହିବା ସହ ହୃଦରୋଗ ଆଶଙ୍କା



ଦୂର ହୁଏ । ଏଥିରେ ଥିବା ଫାଇବର ଯକୃତ ଓ ପେଟକୁ ସୁସ୍ଥ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ । ଭୋକ ହ୍ରାସ କରେ, ଫଳରେ ଶରୀରରେ ଅନାବଶ୍ୟକ କ୍ୟାଲୋରି ଜମେ ନାହିଁ । ଏହାର ଚୋପା ମଧ ଶରୀର ପାଇଁ ଉପକାରୀ । ଅନାବଶ୍ୟକ କ୍ୟାଲୋରି ଦୂରକରେ । ପୋଟଳରେ ଥିବା ଆଣ୍ଟିଅକ୍ସିଡେଣ୍ଟ ତତ୍ତ୍ୱ ବାର୍ଦ୍ଧକ୍ୟ ପ୍ରଭାବ ହ୍ରାସ କରେ । କାମଳ (ଜଣ୍ଡିସ) ପାଡିତଙ୍କ ପାଇଁ ପୋଟଳ ଏକ ଉତ୍ତମ ପଥ୍ୟ ।

## ଅନିଦ୍ରା ସମସ୍ୟା ବଢ଼ାଏ ଚା'

ଚା ପିଇବା ଅନେକଙ୍କର ଅଭ୍ୟାସରେ ପରିଣତ ହୋଇଥାଏ । ଅନ୍ୟପକ୍ଷରେ କ୍ଳାନ୍ତ ତଥା ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲକା କରେ ଚା' । ହେଲେ ଏହାର ପରିମାଣ ଅଧିକ ହୋଇଗଲେ ତାହା ସ୍ୱାସ୍ଥ୍ୟଭିତ୍ତିକ ସମସ୍ୟା ସୃଷ୍ଟି କରିଥାଏ । ବିଶେଷକରି ଏହା ଅନିଦ୍ରା ପରି ସମସ୍ୟାକୁ ବଢ଼ାଇ ଦେଇଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି । ଚା' ପିଇବାକୁ ଅଭ୍ୟାସରେ ପରିଣତ କରିଥିବା କେତେକ ବ୍ୟକ୍ତିଙ୍କର କି କି ଶାରୀରିକ ସମସ୍ୟା ରହୁଛି



ତାହାକୁ ତର୍ଜମା କରାଯାଇଥିଲା । ବିଶେଷ ଭାବରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକଙ୍କ ଠାରେ ଅନିଦ୍ରା ଜନିତ ସମସ୍ୟା ଦେଖିବାକୁ ମିଳିଥିଲା । କେବଳ ସେତିକି ନୁହେଁ, ଆବଶ୍ୟକତା ଠାରୁ ଅଧିକ ଥର ଚା' ପିଇଲେ ବହୁମୂତ୍ର ପରି ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି ।

## ଆପଣ ଜାଣନ୍ତି କି ?

- ୧୯୬୬ ଡିସେମ୍ବର ୨୨ ରେ ୧୦ ତମ ଶିଖ୍ ଗୁରୁ, ଗୁରୁ ଗୋବିନ୍ଦ ସିଂହ ଜନ୍ମ ହୋଇଥିଲେ ।
- ୧୯୩୪ ଡିସେମ୍ବର ୧୯ ରେ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ପ୍ରତିଭା ପାଟିଲ୍ ଜନ୍ମ ହୋଇଥିଲେ ।
- ୧୯୭୧ ଡିସେମ୍ବର ୧୬ରେ ଭାରତ ବଙ୍ଗଳାଦେଶ ଯୁଦ୍ଧରେ ପାକିସ୍ତାନକୁ ହରାଇଥିଲା ।
- ୧୯୬୧ ଡିସେମ୍ବର ୧୮ରେ ଗୋଆ, ଦାମନ ଓ ଡିଉକୁ ମୁକ୍ତ କରିବା ପାଇଁ ଭାରତ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା ।
- ୧୯୯୭ ଡିସେମ୍ବର ୨୭ ରେ ଭାରତୀୟ କବି ମିର୍ଜା ଗାଲିବ ଜନ୍ମ ହୋଇଥିଲେ ।
- ୧୮୮୫ ଡିସେମ୍ବର ୨୮ ରେ ବିଶ୍ୱର ସବୁଠାରୁ ବଡ଼ ଓ ପୁରୁଣା ରାଜାନୈତିକ ଦଳ ଭାରତୀୟ ଜାତୀୟ କଂଗ୍ରେସର ମୂଳଦୁଆ ପଡିଥିଲା ।
- ୧୮୯୪ ଜାନୁଆରୀ ୧ରେ ଭାରତୀୟ ପଦାର୍ଥ ବିଜ୍ଞାନ ସତ୍ୟେନ୍ଦ୍ର ନାଥ ବୋଷ ଜନ୍ମ ହୋଇଥିଲେ ।
- ୧୯୪୨ ଡିସେମ୍ବର ୨୯ରେ ବଲିଉଡର ପ୍ରଥମ ସୁପର ଷ୍ଟାର ରାଜେଶ ଖାନ୍ନା ଜନ୍ମ ହୋଇଥିଲେ ।
- ୧୯୫୦ ଡିସେମ୍ବର ୧୫ରେ 'ଆଇରନ ମ୍ୟାନ୍' ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ମୃତ୍ୟୁବରଣ କରିଥିଲେ ।
- ୨୦୧୨ ଡିସେମ୍ବର ୨୦ରେ ନରେନ୍ଦ୍ର ମୋଦୀ ଲଗାତାର ତୃତୀୟ ଥର ପାଇଁ ଗୁଜରାଟ ବିଧାନସଭା ନିର୍ବାଚନ ଜିତିଥିଲେ ।

## ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ଫୁଲକୋବି

ଓଜନ କମ୍ କରେ: ଫୁଲ କୋବି ଓଜନ କମ କରିବାରେ ସାହାଯ୍ୟ କରିଥାଏ । ଏହା କ୍ୟାଲୋରି ମାତ୍ରାକୁ କମ୍ କରିଥାଏ । ଏଥିପାଇଁ ଓଜନ ବଢ଼ିବାର ଚିନ୍ତା ନ ଥାଏ । ଫୁଲକୋବିରେ କିଛି ମାତ୍ରାରେ ଫାଇବର ମଧ ରହିଥାଏ । ଫାଇଭର ପେଟ ଭରିବାରେ ସହାୟତା କରିଥାଏ ।



ଫୁଲା କମ କରିବାରେ ସହାୟକ: ଫୁଲ କୋବିରେ ରହିଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ଦେହର କୌଣସି ସ୍ଥାନରେ ଫୁଲା ରହିଥିଲେ ତାକୁ କମ କରିଥାଏ । ଭିଟାମିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ଫ୍ରି ରେଡିକାଲ୍ସ ଓଜନକୁ କମ୍ କରିଥାଏ । ଏଥି ସହିତ ଅକ୍ସିଡେଟିଭ ଷ୍ଟ୍ରେସରୁ ରକ୍ଷା କରିଥାଏ ।

ବ୍ରେନ ଫଙ୍ଗଶନ: ବୈଜ୍ଞାନିକ ଅଧ୍ୟୟନ ଅନୁସାରେ ଫୁଲକୋବିରେ କୋଲିନ ଏବଂ ଭିଟାମିନ୍ ବି ରହିଥିବା ଯୋଗୁଁ ଏହା ମସ୍ତିଷ୍କ ବିକାଶରେ ସହାୟକ ହୋଇଥାଏ ।

ହୃଦୟକୁ ସୁସ୍ଥ ରଖେ: ଫୁଲ କୋବି ଭିତରେ ସଲଫୋରାଫେନ ପ୍ରଚୁର ମାତ୍ରାରେ ରହିଥାଏ । ଅନୁସନ୍ଧାନରୁ ଜଣାପଡିଛି ଯେ, ସଲଫୋରାଫେନ ଉଚ୍ଚ ରକ୍ତଚାପକୁ କମ କରିଥାଏ । ଏହା ଧମନୀକୁ ସୁସ୍ଥ ରଖିବାରେ ସହାୟତା କରିଥାଏ ।

କ୍ୟାନସରକୁ ରୋକିଥାଏ: ଗବେଷଣା ଅନୁସାରେ ସଲଫୋରାଫେନ କ୍ୟାନସର ଆଶଙ୍କାକୁ କମ୍ କରିଥାଏ । ଏହା ମଧ କୋଲନ ଓ ପ୍ରୋଷ୍ଟେଟ କ୍ୟାନସରର ଆଶଙ୍କାକୁ କମ୍ କରିଥାଏ ।

ପାଚନ ତନ୍ତ୍ରକୁ ମଜଭୁତ କରେ: ଫୁଲକୋବି ପାଚନ ତନ୍ତ୍ରକୁ ଖୁବ୍ ମଜଭୁତ କରିଥାଏ । କାରଣ ଏଥିରେ ଉଚ୍ଚ ମାତ୍ରାରେ ଫାଇବର ରହିଥାଏ । ଏକ ଅଧ୍ୟୟନ ଅନୁସାରେ ଫାଇବର କବ୍ଜ, ଅର୍ଶ ଓ ପେଟ କ୍ୟାନସର, ଗ୍ୟାଷ୍ଟ୍ରୋଇସୋଫେଗଲ ରିଫ୍ଲେକ୍ସ, ଅଲସର, ଆଦି ସମସ୍ୟାରୁ ସୁରକ୍ଷା ଦେଇଥାଏ ।

## ବହୁ ଉପକାରୀ ଅଁଳା

ଅଁଳା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏହା କେବଳ ଆମ ଶରୀରର ଇମ୍ୟୁନିଟିକୁ ବଢ଼ାଇ ନ ଥାଏ ବରଂ ସବୁ ରୋଗ ପାଇଁ ମହୌଷଧୀ ତୁଲ୍ୟ କାମ କରିଥାଏ । ଏଥିରେ ପ୍ରଚୁର ପରିମାଣ ପୋଷକ ତତ୍ତ୍ୱ ଯଥା ଭିଟାମିନ୍ ସି, ଭିଟାମିନ୍ ଏ ବି କମ୍ପ୍ଲେକ୍ସ, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଆଇରନ୍, କାର୍ବୋହାଇଡ୍ରେଟ, ଫାଇବର ଆଦି ରହିଛି ।



**ମଧୁମେହ ପାଇଁ ରାମବାଣ:** ଅଁଳା ଡାଇବେଟିସ୍ ରୋଗୀଙ୍କ ଚିନ୍ତା ଦୂର କରିଥାଏ । ଅଁଳାରେ ଥିବା କ୍ରୋମିୟମ ତତ୍ତ୍ୱ ଯାହାକି ଇନସୁଲିନ୍ ହର୍ମୋନ୍‌କୁ ମଜଭୁତ କରିବା ଓ ସୁଗାର ଲେବଲକୁ କଣ୍ଟ୍ରୋଲ କରିଥାଏ । ଡାଇବେଟିସ୍ ରୋଗୀ ଅଁଳା ରସରେ ମହୁ ମିଶାଇ ପିଇବା ଫଳରେ ଖୁବ୍ ଫଳ ପ୍ରଦ ହୋଇଥାଏ ।

ଅଁଳାରେ ଗଚ୍ଛିତ ଥିବା କ୍ରୋମିୟମ୍ ବୀଟା ବ୍ଲକର ପ୍ରଭାବକୁ କମ କରିଥାଏ, ଏହାଦ୍ୱାରା ହୃଦୟ ମଜଭୁତ ଓ ହେଲଦୀ ରହିଥାଏ । ଖାଲି ସେତିକି ନୁହେଁ, ଅଁଳା କୋଲେଷ୍ଟ୍ରଲ କମ୍ କରିବାରେ ସହାୟକ ହୋଇଥାଏ । ଖାଦ୍ୟକୁ ହଜମ କରିବାରେ ଅଁଳା ଖୁବ୍ ସହାୟକ ହୋଇଥାଏ । ଏହାକୁ ଖାଇବା ଫଳରେ କବଜ, ଖଟା ହାକୁଟି ଓ ଗ୍ୟାସ ସମସ୍ୟା ଦୂର ହୋଇଥାଏ । ଅଁଳା ଶରୀରର ମେଟାବଲିଜମକୁ ମଜଭୁତ କରିବାରେ ସହାୟକ ହୋଇଥାଏ, ଯାହାକୁ ଖାଇବା ଫଳରେ ଓଜନ କମ୍ ହେବାରେ ସହାୟତା ହୋଇଥାଏ ।

## କହିପାରିବେ କି ?

(୧) ମଣିଷ ଶରୀରର ହାଡ଼ ଏବଂ ଦାନ୍ତ ସାଧାରଣତଃ କେଉଁଥିରେ ତିଆରି ?
(୨) ଆୟୋଡିନ୍ ଅଭାବରେ କେଉଁ ରୋଗ ହୋଇଥାଏ ?
(୩) କେଉଁ ନୃତ୍ୟରେ ସବୁବେଳେ ମହାଭାରତ ଏବଂ ରାମାୟଣର ଥିମକୁ ନିଆଯାଇଥାଏ ?
(୪) ସୂର୍ଯ୍ୟୋଦୟର ଦେଶ କାହାକୁ କୁହାଯାଏ ?
(୫) ଚନ୍ଦ୍ର ଗ୍ରହଣ କେଉଁ ନିର୍ଦ୍ଦିଷ୍ଟ ଦିନରେ ହୋଇଥାଏ ?
(୬) ଭାରତର ଚା ବଗିଚା କାହାକୁ କୁହାଯାଏ ?
(୭) ସୁନାମୀ ଶବ୍ଦଟି କେଉଁ ଦେଶର ଭାଷା ?
(୮) କେଉଁ ଫୁଲକୁ ଏକ ପରିବା କୁହାଯାଏ ?
(୯) ପ୍ଲାଟଫର୍ମର ଚାରିକଡ଼ରେ ରେଲ ଲାଇନ୍ ଥିଲେ ତାକୁ କ'ଣ କୁହାଯାଏ ?
(୧୦) ଭାରତରେ ପ୍ରଥମ ଥର ପାଇଁ କେଉଁଠାରୁ କେଉଁଠିକୁ ଟ୍ରେନ ଚଳାଚଳ କରିଥିଲା ?

### JUMBLE WORDS

| | | | |
|---|---|---|---|
| 1) ITORA | = | 6) EGBIE | = |
| 2) GLANC | = | 7) UNAAGI | = |
| 3) NOPHOC | = | 8) YSIGNA | = |
| 4) NALHED | = | 9) NSUGT | = |
| 5) HCIET | = | 10) RFYUR | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଛଅଟି, ୨. ଋଷିଆ, ୩. ଚୀନ୍, ୪. ଲଣ୍ଡନ, ୫. ରିଓଗ୍ରାଣ୍ଡ, ୬.ହଲାଣ୍ଡ, ୭.ଭୁଟାନ, ୮.ଇଟାଲୀ, ୯.ଶୁକ୍ର, ୧୦. ସାଉଥ୍ ପୋଲ ।

***Jumble Words*** **ର ଉତ୍ତର :-**

(1) FONDUE (2) SHRILL (3) FABLE (4) THIEF (5) ATTAIN
(6) PODIUM (7) PLUSH (8) CROWD (9) FAULTY (10) INCOME

# ଝାରସୁଗୁଡ଼ା ପୌରପରିଷଦ, ଝାରସୁଗୁଡ଼ା

## ନିଖିଳ ଓଡ଼ିଶା ସ୍ୱାୟତ୍ତ ଶାସନ ଦିବସ -୨୦୨୪ ଉପଲକ୍ଷେ ଝାରସୁଗୁଡ଼ା ପୌରପରିଷଦ ଆପଣଙ୍କୁ ସ୍ୱାଗତ ଜଣାଉଛି

### ପୌରବାସୀଙ୍କୁ ନିବେଦନ :

- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ନାମଫଳକ ଗୁଡିକୁ ଓଡ଼ିଆ ଭାଷାରେ ଲେଖନ୍ତୁ ।
- ପୌରପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ ।
- ସର୍ବସାଧାରଣଙ୍କ ରାସ୍ତା ଓ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା: ଇଟା, ବାଲି, ଗୋଡ଼ି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ ।
- ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବାକୁ ଛାଡନ୍ତୁ ନାହିଁ ।
- ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌରପରିଷଦକୁ ସହଯୋଗ କରନ୍ତୁ ।
- ଏକକାଳୀନ ବ୍ୟବହାର ହେଉଥିବା ପଲିଥିନର ବ୍ୟବହାର ବର୍ଜନ କରନ୍ତୁ ।
- ପୌର ପରିଷଦର ସମ୍ପତ୍ତି ଆପଣଙ୍କର ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ ।

**ଶ୍ରୀମତୀ ରାନୀ ହାତୀ**
ଅଧକ୍ଷା
ଝାରସୁଗୁଡ଼ା ପୌର ପରିଷଦ

**ଶ୍ରୀ ବେଣୁଗୋପାଳ ପାଣିଗ୍ରାହୀ**
ଉପାଧକ୍ଷ
ଏବଂ ସମସ୍ତ କାଉନସିଲର ବୃନ୍ଦ
ଝାରସୁଗୁଡ଼ା ପୌରପରିଷଦ

**କାର୍ଯ୍ୟନିର୍ବାହୀ ଅଧିକାରୀ**
ଝାରସୁଗୁଡ଼ା ପୌରପରିଷଦ


## ଝାରସୁଗୁଡ଼ାରେ ସୁଭଦ୍ରା ଯୋଜନା କାର୍ଯ୍ୟକାରିତା ପାଇଁ ଖସଡ଼ା ପ୍ରସ୍ତୁତି

ଝାରସୁଗୁଡ଼ା ଜିଲ୍ଲାରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଖସଡ଼ା ପ୍ରସ୍ତୁତି ହୋଇଛି । ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେଙ୍କ ଅଧକ୍ଷତାରେ ଓସ୍ୱାନ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଙ୍ଗ ଶୁରୂତ୍ , ବ୍ରଜରାଜନଗର ପୌର ପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ୟବତୀ ହେଲେନ ଖେସଙ୍କ ସମେତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକା ନିର୍ବାହୀ ଅଧିକାରୀମାନେ ଆଭାସି ମାଧମରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଯୋଜନାରେ ଯୋଗ୍ୟ ମହିଳା ହିତାଧିକାରୀଙ୍କ ସାମିଲ ତଥା ସଫଳତା ପୂର୍ବକ ଯୋଜନାର କାର୍ଯ୍ୟକାରିତା ଦିଗରେ ଅଧିକାରୀମାନେ ଯତ୍ନବାନ ପୂର୍ବକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଜାତୀୟ କ୍ରୀଡ଼ା ଦିବସ

ବିନିକା: ସ୍ଥାନୀୟ ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଇତିହାସ ଅଧାପକ ଗୋପାଳ କୃଷ୍ଣ ଦାସଙ୍କ ଅଧକ୍ଷତା ତଥା ଅର୍ଥନୀତି ବିଭାଗର ଅଧାପକ ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଇଂରାଜୀ ଅଧାପକ ବାଣୀ ପ୍ରସାଦ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଧ୍ୟାନଚାନ୍ଦଙ୍କ ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ସଂସ୍କୃତ ବିଭାଗର ଅଧାପକ ହରିଶ୍ଚନ୍ଦ୍ର ହୋତା ଖେଳ ବିଷୟରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସଭା ଶେଷରେ ରାଜନୀତି ବିଭାଗର ଅଧାପକ ଶ୍ରୀମାନସ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍‌ପିଡିଏସି କମିଟି ବୈଠକ ବର୍ଷବର୍ଷ ଧରି ବସୁନାହିଁ

ସମ୍ବଲପୁର: ପ୍ରତ୍ୟେକ ତିନିମାସରେ ପାରିପାର୍ଶ୍ୱିକ ଉନ୍ନୟନ କମିଟି (ଆରପିଡିଏସି)ର ବୈଠକ ବସିବାର ନିୟମ ଥିଲେ ମଧ ବର୍ଷ ବର୍ଷ ଧରି ତାହା ବସୁନାହିଁ । ୩ ମାସ ବଦଳରେ କେଉଁ କାରଖାନାର ୬ ବର୍ଷ ହେଲାତ ଆଉ କାହାର ବର୍ଷେ ହେଲା ଆରପିଡିଏସି କମିଟି ବୈଠକ ହୋଇ ନାହିଁ । ଏପରିକି ଆରଡିସିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ନେଇଥିବା ନିଷ୍ପତ୍ତି ମଧ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହେଉଛି । ନୂତନ ସରକାର ଆସିବା ପରେ ଆରପିଡିଏସି କମିଟିକୁ ଜୀବନ ଦାନ ମିଳିବ ଏବଂ ସରକାରୀ ବ୍ୟବସ୍ଥା ଅନୁସାରେ ପୁନର୍ବାର ବୈଠକ ହେବ ବୋଲି ଆଶା କରାଯାଉଛି । ସରକାରଙ୍କ ପୁନର୍ବାସ ଏବଂ ଥଇଥାନ ନୀତି ଅନୁଯାୟୀ, ପ୍ରତ୍ୟେକ କାରଖାନା ଏବଂ ଖଣି ନିଜ ଲାଭର ୧୦ % ଖର୍ଚ୍ଚ ଉନ୍ନୟନ ପାଣ୍ଠି ଅନ୍ତର୍ଗତରେ ଖର୍ଚ୍ଚ ପାଇଁ ନିର୍ଦ୍ଦେଶ ରହିଛି । ଖଣି ଏବଂ କାରଖାନା ଯୋଗୁଁ ଏହାର ନିକଟସ୍ଥ ଅଞ୍ଚଳବାସୀ ପ୍ରଦୂଷଣ କଷ୍ଟ ସହୁଥିବାରୁ ସେମାନଙ୍କ ବିକାଶ ପାଇଁ ପ୍ରଭାବିତ ଅଞ୍ଚଳର ୧୦ କିଲୋମିଟରରେ ଖର୍ଚ୍ଚ ହୁଏ । ଏଥିପାଇଁ ଆରଡିସିଙ୍କ ଅଧକ୍ଷତାରେ ପାରିପାର୍ଶ୍ୱିକ ଉନ୍ନୟନ କମିଟିଗୁଡ଼ିକ ଥାଏ । ଜିଲ୍ଲାପାଳ ଏହାର ଆବାହକ, ସାଂସଦ, ବିଧାୟକ, ପ୍ରଭାବିତ ଅଞ୍ଚଳର ପ୍ରତିନିଧିଙ୍କ ସହିତ ଆରଡିସି, ଜିଲ୍ଲା ପ୍ରଶାସନର ଅଧିକାରୀ ଏହି କମିଟିରେ ଥାଆନ୍ତି । ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିର ଉପଯୁକ୍ତ ଖର୍ଚ୍ଚ ଏବଂ ପରିଚାଳନା ପାଇଁ ପ୍ରତି ୩ ମାସରେ ଆରପିଡିଏସି କମିଟି ବୈଠକ ପାଇଁ ବ୍ୟବସ୍ଥା ରହିଛି । ସମ୍ବଲପୁର ଜିଲ୍ଲାରେ ଆରଡିସି କାର୍ଯ୍ୟାଳୟରେ ଆରଡିସିଙ୍କ ଅଧକ୍ଷତାରେ ଆରପିଡିଏସି କମିଟି ବୈଠକ ପୂର୍ବରୁ ହେଉଥିଲା । ନିର୍ଦ୍ଦେଶ ଅନୁଯାୟୀ ୩ ମାସରେ ପ୍ରାୟତଃ ବୈଠକ ହୁଏ ନାହିଁ । କିନ୍ତୁ ୬ ମାସରେ ବୈଠକ ହୋଇଥାଏ । ବିସ୍ଥାପିତ ଏବଂ ପ୍ରଭାବିତ ପ୍ରତିନିଧିଙ୍କୁ ନିଜ ସମସ୍ୟା ଉଠାଇବାର ସୁଯୋଗ ମିଳିଥାଏ । କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପୂର୍ବରୁ ନିଜେ ସାଂସଦ ଥିବା ସମୟରେ ସକ୍ରିୟ ଭାବରେ ଏହି କମିଟିର ବୈଠକରେ ଅଂଶଗ୍ରହଣ କରୁଥିଲେ । ୨୦୧୮ ମସିହାରୁ ଆରପିଡିଏସି ବୈଠକରେ ଭୟଙ୍କର ବିଭ୍ରାଟ ହୋଇଛି । ବର୍ଷାଧିକ ସମୟ ଧରି ବୈଠକ ହେଉ ନାହିଁ । ଭୂଷଣ ଷ୍ଟିଲର ଆରପିଡିଏସି ବୈଠକ ୨୦୧୬ ମସିହା ଏବଂ ପରେ ଜମି ଅଧିଗ୍ରହଣ ପାଇଁ ଅନୁମୋଦନର ଆବଶ୍ୟକ ହେବାରୁ ୨୦୨୩ ମସିହା ଜୁନ ମାସରେ ବୈଠକ ହେଲା । ଏହି ଅବସରରେ ବିଭିନ୍ନ 'କାରଖାନାର ସହଯୋଗରେ ବଡ଼ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ନିଜେ ଜିଲ୍ଲାପାଳ ନିଷ୍ପତ୍ତି ନେଇଥିଲେ । ଏହାର ପାଳନ ହେଲା ନାହିଁ । ଆଦିତ୍ୟ ଆଲୁମିନିୟମର ଶେଷ ଆରପିଡିଏସି ବୈଠକ ୨୦୧୮ ମସିହା ଜାନୁଆରି ୨ ତାରିଖରେ ହୋଇଥିଲା । ୨୦୧୬ ମସିହାରୁ ସମ୍ବଲପୁର ଏବଂ ଝାରସୁଗୁଡ଼ାରେ ତଲାବିରା-୧, ୨ ଏବଂ ୩ ଅନ୍ତର୍ଗତରେ କୋଇଲା ଖଣି କାର୍ଯ୍ୟକ୍ଷମ ରହିଛି । ଜନବସତିରେ ବ୍ଲାଷ୍ଟିଂ ସ୍ଥାନୀୟ ନିଯୁକ୍ତି ପାଇଁ ଆନ୍ଦୋଳନ ହେଉଛି । ଦୁଇ ବର୍ଷ ପୂର୍ବରୁ ଝାରସୁଗୁଡ଼ାରେ ଏହାର ଶେଷ ଆରପିଡିଏସି କମିଟି ବୈଠକ ହୋଇଥିଲା । ପ୍ରଶାସନ ପକ୍ଷରୁ ବୈଠକ ପାଇଁ ଆଗ୍ରହ କରୁ ନ ଥିବାରୁ କମିଟି ବୈଠକ ହେଉ ନ ଥିବା ଅଭିଯୋଗ ହୋଇଛି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ପୋଲିସ୍ ଠାରେ ଆତ୍ମସମର୍ପଣ କଲେ ଦୁଇ ମାଓବାଦୀ

ବରଗଡ଼ : ବରଗଡ଼ ଜିଲ୍ଲାରେ ଦୀର୍ଘଦିନ ଧରି ନକ୍ସଲ କାର୍ଯ୍ୟକଳାପ ଚଳାଇ ଆସିଥିବା ବରଗଡ଼ ମହାସମୁଦ ଡିଭିଜନର ଦୁଇ ହାଡ୍‌କୋର କ୍ୟାଡ଼ର ମାଓବାଦୀ ବରଗଡ଼ ପୁଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି । ସେମାନେ ହେଲେ ଛତିଶଗଡ଼ର ବିଜାପୁର ଜିଲ୍ଲାର ଅମିଲା ଓରଫ ପାରୋ ଓରଫ ପୂଜା ତାଟି (୩୫) ଓ ସୁକୁମା ଜିଲ୍ଲାର ରଘୁ ଓରଫ ସାଇତୁ ପଦମ(୩୧) । ଦୀର୍ଘ ଦେଢ଼ ଦଶନ୍ଧି ଧରି ଅପରାଧିକ କାର୍ଯ୍ୟକଳାପ ଚଳାଇ ଆସିଥିବା ପୂଜା ଓ ରଘୁ ବରଗଡ଼ ପୁଲିସ ସହିତ ଯୋଗାଯୋଗ କରି ଅସ୍ତ୍ରତ୍ୟାଗ କରି ଉତ୍ତରାଂଚଳ ଆଇଜି ହିମାଂଶୁ ଲାଲ ଓ ବରଗଡ଼ ଏସପି ପ୍ରହଲ୍ଲାଦ ସହାଇ ମୀନାଙ୍କ ପାଖରେ ନିଃସର୍ତ୍ତ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।

ଏନେଇ ବରଗଡ଼ ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଇ.ଜି ଶ୍ରୀ ଲାଲ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଓ ଡ଼ିଜିପିଙ୍କ ଆହ୍ୱାନରେ ଆକର୍ଷିତ ହୋଇ ଉଭୟ ନକ୍ସଲ ଗୁଳି ବନ୍ଧୁକକୁ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ । ମାଓ ସଙ୍ଗଠନରେ ମଧ ତାଙ୍କ ପ୍ରତି ଭେଦଭାବ କରାଯିବା ସହିତ ଆଦିବାସୀ ବୋଲି ଅପମାନ କରାଯାଉଥିଲା ।



ଅନ୍ୟମାନଙ୍କ ତୁଳନାରେ ସେତେଟା ମାନ୍ୟତା ଦିଆଯାଉ ନ ଥିବା ବେଳେ ବାରମ୍ବାର ଜାତି ଆକ୍ଷେପ ଯୋଗୁଁ ସେମାନେ ନକ୍ସଲ ଛାଡ଼ି ଆତ୍ମସମର୍ପଣ କରିଥିବା ସୂଚନା ଦେଇଥିଲେ । ତେବେ ବାକି ସମସ୍ତଙ୍କୁ ଆତ୍ମସମର୍ପଣ କରିବାକୁ ପଡ଼ିବ, ନହେଲେ ପୁଲିସ ଗୁଳିରେ ସେମାନଙ୍କ ଜୀବନ ଯିବା ସାର ହେବ । ପୁଲିସ ପକ୍ଷରୁ ଗନ୍ଧମାର୍ଦ୍ଦନ ସମେତ ନକ୍ସଲ ଅଂଚଳରେ ଲଗାତାର କମ୍ବିଂ ଓ ଅପରେସନ ଜାରି ରହିଥିବା ବେଳେ ମିଳିତ ଅପରେସନ ଜାରି ରହିଛି ବୋଲି ଆଇଜି ଶ୍ରୀ ଲାଲ ସ୍ପଷ୍ଟ କରି ଅବଶିଷ୍ଟ ନକ୍ସଲମାନଙ୍କୁ ମଧ ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ ।

ସେହିଭଳି ବରଗଡ଼ ଏସ.ପି ଶ୍ରୀ ମୀନା କହିଥିଲେ ଯେ, ବିଗତ ଦିନରେ ପୁଲିସ ସହ ହୋଇଥିବା ଫାୟାରିଂ ଓ ବିଭିନ୍ନ ଅପରାଧମୂଳକ କାର୍ଯ୍ୟକଳାପରେ ପୂଜା ଓ ରଘୁ ସମ୍ପୃକ୍ତ ଥିଲେ । ଗତ ୬ ମାସରେ ଦୁଇଥର ଫାୟାରିଂ ହୋଇଥିବା ବେଳେ ଦୁହେଁ ସାମିଲ ଥିଲେ । ରଘୁ ନାମରେ ୮ଟି ମାମଲା ରହିଥିବା ବେଳେ ପୂଜା ନାମରେ ହତ୍ୟା ଭଳି ସଙ୍ଗୀନ ଅପରାଧ ରହିଛି । ପୁଲିସ ଗନ୍ଧମାର୍ଦ୍ଦନ ରେଞ୍ଜରେ ଥିବା ସେମାନଙ୍କ କ୍ୟାମ୍ପରୁ ଏକେ-୪୭ର ଜୀବନ୍ତ ଗୁଳି ସମେତ ବହୁ ନକ୍ସଲ ଲିଟରେଚର ଓ ସାମଗ୍ରୀ ଜବତ କରିଛି । ପୁଲିସ ନକ୍ସଲଙ୍କ କ୍ୟାମ୍ପକୁ ନଷ୍ଟ କରିଦେଇଥିବା ବେଳେ ପୂଜା ଓ ରଘୁ ବ୍ୟତୀତ ବାକି ସମସ୍ତେ ଛତ୍ରଭଙ୍ଗ ଦେଇଛନ୍ତି । ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ବିରୋଧରେ ଖପ୍ରାଖୋଲର ରାଜକିଶୋର ପଣ୍ଡା, ଓ୍ୱାର୍ଡ଼ମେମ୍ବର କୁଶ ପୁଞ୍ଜି, ସାଲେପାଲିର ବିଜୟ ସାହୁଙ୍କ ହତ୍ୟା ମାମଲା ରହିଥିବା ବେଳେ ଗନ୍ଧମାର୍ଦ୍ଦନ ସଂରକ୍ଷିତ ଜଙ୍ଗଲରେ ପୁଲିସ ସହିତ ଗୁଳି ବିନିମୟ ଅଭିଯୋଗ ରହିଛି । ପୂଜା ବିରୁଦ୍ଧରେ ବରଗଡ଼ ଜିଲ୍ଲାରେ ୧୫ଟି ଗୁଳିବିନିମୟ ଓ ଏନକାଉଣ୍ଟର, ୧୦ଟି ଜଳାପୋଡ଼ା, ୪ଟି ହତ୍ୟା, ୬ଟି ପୋଷ୍ଟର/ବ୍ୟାନର/ଲିଫଲେଟ ଲଗା ମାମଲା ରହିଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ମଧ ବହୁ ନୃଶଂସ ମାମଲା ରହିଛି । ସେହିଭଳି ରଘୁ ବିରୁଦ୍ଧରେ ୪ଟି ଗୁଳି ବିନିମୟ, ଗୋଟିଏ ହତ୍ୟା, ୩ଟି ପୋଷ୍ଟର/ବ୍ୟାନର ଲଗା ମାମଲା ରହିଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ମଧ ବହୁ ଅପରାଧିକ କାର୍ଯ୍ୟକଳାପରେ ସାମିଲ ଥିବା ଏସପି ଶ୍ରୀ ମୀନା କହିଥିଲେ । ଆତ୍ମସମର୍ପଣ କରିଥିବା ନକ୍ସଲ ଦ୍ୱୟ ପୂଜା ଓ ରଘୁଙ୍କୁ ପୁଷ୍ପଗୁଚ୍ଛ ଦେଇ ଆଇଜି ଶ୍ରୀ ଲାଲ ଓ ଏସପି ଶ୍ରୀ ମୀନା ଉତ୍ସାହିତ କରିବା ସହିତ ସାଧାରଣ ଜୀବନକୁ ସ୍ୱାଗତ କରିଥିଲେ ।

# ପିଏମ୍ ଉଷା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ





ଭୁବନେଶ୍ୱର : ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରର ସାମଗ୍ରିକ ଉନ୍ନତି ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧରେ 'ପ୍ରଧାନମନ୍ତ୍ରୀ ଉଚ୍ଚଶିକ୍ଷା ଅଭିଯାନ' ଏକ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି । ରାଜ୍ୟରେ ନୂଆ ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ଏବଂ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡିକର ସାମଗ୍ରୀକ ଉନ୍ନତି କରିବା ଲକ୍ଷ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବୁଝାମଣା ଅନୁସାରେ ପି.ଏମ୍. ଉଷା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ମାନ ବୃଦ୍ଧି, ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ । ବୁଝାମଣାପତ୍ର ସ୍ୱାକ୍ଷର ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଉପସ୍ଥିତ ଥିଲେ ।

# ଏନ୍‌ଏସ୍‌ସିବି କଲେଜରେ ଗଙ୍ଗାଧର ଜୟନ୍ତୀ ପାଳିତ



ସମ୍ବଲପୁର: ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟରେ 'ସାହିତ୍ୟ ସଂସଦ' ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୩ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲଙ୍କ ଅଧକ୍ଷତା ତଥା ଅଧାପକ ବୀରସେନ ଦଳାଇଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ ତଥା ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱଭାବକବିଙ୍କ ଓଡ଼ିଆ ସାହିତ୍ୟରେ ଆବିର୍ଭାବ ତଥା ତାଙ୍କ ସୃଷ୍ଟ ଗୀତିକବିତା ଗୁଡ଼ିକର ତାତ୍ତ୍ୱିକ ବ୍ୟାଖ୍ୟା ସହ ମାର୍ମିକ ଆଲୋଚନା କରିଥିଲେ । ଗୀତିକବିତା ଗୁଡ଼ିକରୁ ହିଁ ଗଙ୍ଗାଧରଙ୍କ ପ୍ରକୃତ ପ୍ରତିଭାର ପରିଚୟ ମିଳିଥାଏ ବୋଲି ସେ କହିଥିଲେ । 'ଭକ୍ତି', 'ମଧୁମୟ', 'ଅମୃତମୟ', 'ସମଲାଇ ଦେବୀଙ୍କ ପ୍ରତି', 'ବିଦୁର ପ୍ରଜାଗର', 'ଖଦ୍ୟୋତର ଖେଦ' ଆଦି କବିତା ଉପରେ ତାତ୍ପର୍ଯ୍ୟପୂର୍ଣ୍ଣ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

ପ୍ରଫେସର ଦୁର୍ଲ୍ଲଭ କୁମାର ସା ସ୍ୱାଗତ ଭାଷଣ ଦେଇଥିବା ବେଳେ ସାହିତ୍ୟ ସଂସଦର ଉପଦେଷ୍ଟା ଡକ୍ଟର ଶ୍ୟାମ ଭୋଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସହକାରୀ ପ୍ରଫେସର ଡକ୍ଟର ରଘୁମଣି ନାଏକ ଗଙ୍ଗାଧର ସଙ୍ଗୀତ ପରିବେଷଣ କରିଥିଲେ । ପୂର୍ବରୁ ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶ୍ରଦ୍ଧାମୟୀ ପୁରୋହିତ ସଂଯୋଜନା କରିଥିଲେ । ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ସୁଶ୍ରୀ ସଂଯୁକ୍ତା ବେଶ୍ରା, ଶିଳୀ ମହାନନ୍ଦ, ସୋନିଆ ପତି ଏବଂ ମୋନାଲିସା ସାହୁ । ସାହିତ୍ୟ ସଂସଦର ଅନ୍ୟତମ ସଦସ୍ୟା ଅଧାପିକା ରଶ୍ମିତା ରାଉତରାୟ ଏବଂ ଅଧାପିକା ମେଞ୍ଚା ପୂର୍ତ୍ତିଙ୍କ ସମେତ ବିଭିନ୍ନ ବିଭାଗର ସମସ୍ତ ଅଧାପକ-ଅଧାପିକା ତଥା କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଶେଷରେ ସ୍ନାତକୋତ୍ତର ଇଂରାଜୀ ବିଭାଗମୁଖ୍ୟ ଶ୍ରୀଯୁକ୍ତ ହରିହର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡା ଦିବସ





ସମ୍ବଲପୁର: ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଭିଏସ୍‌ଏସ୍ ଷ୍ଟାଡିୟମରୁ ଲକ୍ଷ୍ମୀ ଟକିଜ୍ ଛକ ପର୍ଯ୍ୟନ୍ତ ଗୋଟିଏ ମିନି ମାରାଥନ୍ ଆୟୋଜନ କରାଯାଇଥିଲା । ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ବଲପୁର ମହାନଗର ନିଗମ କମିଶନର ଶ୍ରୀ ବେଦ ଭୂଷଣ, ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ହକି ଖେଳାଳୀ ମେଜର ଧାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଉଭୟେ ପତାକା ଦେଖାଇ ମାରାଥନକୁ ଉଦ୍‌ଘାଟନ କରିଲେ । ମାରାଥନରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, କ୍ରୀଡ଼ା ଛାତ୍ରାବାସ ର ଅନ୍ତେବାସୀ, ଏନସିସି କ୍ୟାଡେଟ୍, ଡିଫେନ୍ସ ଏକାଡେମୀ, ମା' ସମଲେଶ୍ୱରୀ କିକ୍ ବକ୍ସିଂ କ୍ଲବ୍ ସମେତ ଅନ୍ୟ କ୍ରୀଡ଼ା ସଂଘ ଓ କ୍ରୀଡ଼ା କ୍ଲବର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ସମ୍ବଲପୁର ଡିଏସ୍‌ଓ ଡକ୍ଟର ସତ୍ୟନାରାୟଣ ତାଣ୍ଡି ଧନ୍ୟବାଦ ଦେଇଥିଲେ । ସମ୍ବଲପୁରର ୪ସି ପଡ଼ିଆରେ ଉତ୍କଳ ସଂଘ ଓ ଆଦିବାସୀ କ୍ଲବ ମଧରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟ୍ ବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ ଅତିଥି ଭାବେ ଯୋଗଦେଇ ଫୁଟବଲ୍ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ । ସପ୍ତାହବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ହକି ପ୍ରଶିକ୍ଷଣ କେନ୍ଦ୍ର, ଜୁଜୁମୁରା ଓ ଘନସରାରେ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହାଛଡ଼ା ଜିଆଇଏଚ୍, ସମ୍ବଲପୁର, ଏମପିଆଇଏସ୍ କୁଚିଣ୍ଡା ଓ ବିପିଆଇଏସ୍ ବୁର୍ଲାରେ ବ୍ୟାଡମିଣ୍ଟନ ମ୍ୟାଚ୍ ଆୟୋଜନ କରାଯାଇଥିଲା ।

# ଏସ୍.ଏମ୍.ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ







ସମ୍ବଲପୁର : ସମ୍ବଲପୁର ମହାନଗର ନିଗମ ତରଫରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସାଙ୍ଗକୁ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ, କୁଷ୍ଠପଡ଼ା ଠାରେ ମିଷ୍ଟାନ୍ନ ଓ ଫଳ ବଣ୍ଟନ ଏବଂ ଏକ ବାଇକ୍ ର୍‍ୟାଲି ଆୟୋଜନ କରାଯାଇଥିଲା । ଏହାଛଡ଼ା ଏକ ରକ୍ତଦାନ ଶିବିର ମଧ ଆୟୋଜିତ ହୋଇଥିଲା । ଦୁର୍ଗାପାଲି ଠାରେ ନିଗମର ନୂତନ କାର୍ଯ୍ୟାଳୟରେ ଆୟୋଜିତ ସମାରୋହରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ନିଗମ କମିଶନର ବେଦଭୂଷଣ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଓ କ୍ରିଷ୍ଣା ପଟେଲ ପ୍ରମୁଖ ଯୋଗ ଦେଇଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra